୬ ► କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କଲେ ଅମିତ ମିଶ୍ର




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୧୮ ● ୫ ସେପ୍ଟେମ୍ବର ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-218 ● 5th September 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ଭାରତ-ସିଙ୍ଗାପୁର ସମ୍ପର୍କ ପାରସ୍ପରିକ ସ୍ୱାର୍ଥ ଦ୍ୱାରା ପରିଚାଳିତ : ମୋଦୀ

ନୂଆଦିଲ୍ଲୀ, ୪।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଦିନ କହିଛନ୍ତି ଯେ ଭାରତ ଏବଂ ସିଙ୍ଗାପୁର ମଧ୍ୟରେ ସମ୍ପର୍କ କୂଟନୀତିଠାରୁ ଅଧିକ ଏବଂ ଏହା ସାଧାରଣ ମୂଲ୍ୟବୋଧ, ଶାନ୍ତି ଓ ସମୃଦ୍ଧି ପାଇଁ ଏକ ସାଧାରଣ ଦୃଷ୍ଟିକୋଣରେ ଗଭୀର ଭାବରେ ଜଡ଼ିତ। ତାଙ୍କ ସିଙ୍ଗାପୁର ପ୍ରତିପକ୍ଷ ଲରେନ୍ସ ୱଙ୍ଗଙ୍କ ସହିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ମୁଁ ପ୍ରଧାନମନ୍ତ୍ରୀ ୱଙ୍ଗଙ୍କୁ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କର ପ୍ରଥମ ଭାରତ ଗସ୍ତରେ ସ୍ୱାଗତ କରୁଛି। ଏହି ଗସ୍ତ ଅଧିକ ସ୍ୱତନ୍ତ୍ର କାରଣ ଏହି ବର୍ଷ ଆମେ ଆମର ସମ୍ପର୍କର ୬୦ତମ ବାର୍ଷିକୀ ପାଳନ କରୁଛୁ।' ସିଙ୍ଗାପୁରକୁ ଭାରତର ପୂର୍ବ ଦିଗରେ କାର୍ଯ୍ୟ କରିବା ନୀତିର ଏକ 'ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ' ବୋଲି ଅଭିହିତ କରି ସେ କହିଛନ୍ତି ଯେ ଦୁଇ ରାଷ୍ଟ୍ର ଭାରତ-



ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତା ପାଇଁ ସେମାନଙ୍କର ମିଳିତ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ପାଇଁ ଆସିଆନ ସହିତ ମିଳିତ ଭାବରେ କାମ କରିବା ଜାରି ରଖିବେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୨୦୨୪ ମସିହାରେ ତାଙ୍କର ସିଙ୍ଗାପୁର ଗସ୍ତକୁ ମନେ ପକାଇଥିଲେ, ଯେଉଁ ସମୟରେ ଦୁଇ ରାଷ୍ଟ୍ର ସେମାନଙ୍କର ସମ୍ପର୍କକୁ ଏକ (ପୃଷ୍ଠା ୭ରେ)

# ଜିଏସ୍‌ଟି ସଂସ୍କାର ଐତିହାସିକ ଓ ଯୁଗାନ୍ତକାରୀ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୯

ନ୍ୟୁଜ୍‌ବ୍ୟୁରୋ

ଜିଏସଟି ସଂସ୍କାର ଉପରେ ନୂଆଦିଲ୍ଲୀରେ ପ୍ରେସ କନ୍‌ଫରେନ୍‌ସରେ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ରଖିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ "୨୦୪୭ ସୁଦ୍ଧା ବିକଶିତ ଭାରତ" ପରିକଳ୍ପନାକୁ ସାକାର କରିବା ଲାଗି ଦେଶର ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି।



ଏହି ଲକ୍ଷ୍ୟ ହାସଲ ଲାଗି ଆମ ଦେଶରେ ପ୍ରଚଳିତ କର ପ୍ରଶାସନରେ ବ୍ୟାପକ ସଂସ୍କାର ଆବଶ୍ୟକ। ସାଧାରଣ ଜନତାଙ୍କ ଉପରୁ ଟିକସ ବୋଝ ହ୍ରାସ କରିବା ଲାଗି ଏହି ବୈଠକରେ ବ୍ୟାପକ ଆଲୋଚନା ପରେ ଅନେକ ଦ୍ରବ୍ୟ ଓ ସେବା ଉପରୁ ଜିଏସଟି ହାର କମାଇବା ଓ କେତେକ ଦ୍ରବ୍ୟ ଓ ସେବାକୁ କର ମୁକ୍ତ କରିବା ପରି ଯୁଗାନ୍ତକାରୀ ନିଷ୍ପତ୍ତି ନିଆଯାଇଛି।

ଜିଏସ୍‌ଟିର ଏହି ଐତିହାସିକ ସଂସ୍କାର, ଏକ ମୁକ୍ତ ଏବଂ ସ୍ୱଚ୍ଛ ଅର୍ଥନୀତି ସୃଷ୍ଟି କରିବ, ଅନୁପାଳନ ବୋଝ ହ୍ରାସ କରିବ ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଉପକୃତ କରିବ ଏବଂ ଦେଶରେ ବାଣିଜ୍ୟ ବ୍ୟବସାୟକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ (ପୃଷ୍ଠା ୭ରେ)

# ରାହୁଗ୍ରସ୍ତ 'ଖ' ଗ୍ରାସ ଚନ୍ଦ୍ରଗ୍ରହଣ ସୂଚନା



ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

ଚଳିତମାସ ୭ ତାରିଖ ରବିବାର ପବିତ୍ର ଭାଦ୍ର ପୂର୍ଣ୍ଣିମା ଦିନ ରାତ୍ରକାଳରେ ରାହୁଗ୍ରସ୍ତ ଆକାଶ ଗ୍ରାସ ଚନ୍ଦ୍ରଗ୍ରହଣ ସଂଘଟିତ ହେବ । ଏ ଚନ୍ଦ୍ର ଗ୍ରହଣ ଆମ ଓଡ଼ିଶା ସହିତ ସମଗ୍ର ଭାରତ ବର୍ଷରେ ଦୃଶ୍ୟମାନ ହେବା ସଙ୍ଗେ ସଙ୍ଗେ ୟୁରୋପ ମହାଦେଶ, ଏସିଆ, ଅଷ୍ଟ୍ରେଲିଆ, ଆଫ୍ରିକା, ଉତ୍ତର ଆମେରିକାର ପଶ୍ଚିମାଞ୍ଚଳ, ଦକ୍ଷିଣ ଆମେରିକାର ପୂର୍ବାଞ୍ଚଳ, ଆଟଲାଣ୍ଟିକ ଓ ଭାରତ ମହାସାଗର, ପ୍ରଶାନ୍ତ ମହାସାଗର, ଉତ୍ତର ମେରୁ ଓ ଆଣ୍ଟାର୍କଟିକାରେ ଦେଖାଯିବ । ଏଥି ସହିତ ଏ ସଂପୂର୍ଣ୍ଣ ଚନ୍ଦ୍ର ଗ୍ରହଣ ଆରବ, ଚୀନ୍, ଋଷ ଏବଂ ଜାପାନ ପରି ଭାରତର ପାର୍ଶ୍ୱବର୍ତ୍ତୀ ଦେଶମାନଙ୍କରେ ଦୃଶ୍ୟ ହେବ । ମୁଖ୍ୟତଃ ଭାରତୀୟ ସମୟାନୁସାରେ ତା ୭/୯/୨୦୨୫ରିଖ ରବିବାର ରାତ୍ର ଘ ୯।୫୭ ମିନିଟ୍ ସମୟରେ ଆରମ୍ଭ ହୋଇ ରାତ୍ର ଘ ୧।୨୬ ମିନିଟ୍‌ରେ ସର୍ବମୋକ୍ଷ ହେବ ।

ଆମ ଓଡ଼ିଶାରେ ଏ ଚନ୍ଦ୍ରଗ୍ରହଣ ଆରମ୍ଭ ହେବ ରାଘ ୯।୫୮ ମିନିଟ୍ ସମୟରେ, ଗ୍ରହଣର ମଧ୍ୟକାଳ ବା (ପୃଷ୍ଠା ୭ରେ)

# ମହାପ୍ରଭୁଙ୍କ ଭୂସମ୍ପତ୍ତି ଫେରାଇ ଆଣିବାକୁ ସରକାରଙ୍କ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୪।୯

ନ୍ୟୁଜ୍‌ବ୍ୟୁରୋ

ମହାପ୍ରଭୁଙ୍କ ପାଖକୁ ଫେରିବ ବାହାରେ ପଡ଼ିରହିଥିବା ସମସ୍ତ ଭୂ-ସମ୍ପତ୍ତି। ମହାପ୍ରଭୁଙ୍କ ଜମି ଫେରାଇ ଆଣିବାକୁ ତ୍ୱରିତ ଗତିରେ କାର୍ଯ୍ୟ କରୁଛନ୍ତି ରାଜ୍ୟ ସରକାର। ରାଜ୍ୟ ଓ ରାଜ୍ୟ ବାହାରେ ଯେଉଁଠି ବି ମହାପ୍ରଭୁଙ୍କ ଭୂ-ସମ୍ପତ୍ତି ରହିଛି ତାହାର କାଗଜପତ୍ର ପ୍ରସ୍ତୁତ କରୁଛି ଶ୍ରୀମନ୍ଦିର ପ୍ରଶାସନ ବୋଲି ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।



ସମସ୍ତ ସମ୍ପତ୍ତି କେମିତି ପୁଣି ଥରେ ମହାପ୍ରଭୁଙ୍କ କାମରେ ବିନିଯୋଗ ହେବ ସେଥିପାଇଁ ଯାହା ଯାହା ଆବଶ୍ୟକ ତାହା କରାଯାଉଛି। ମହାପ୍ରଭୁଙ୍କର ୫୮ ହଜାର ଏକର ଜମି ରାଜ୍ୟ ଓ ରାଜ୍ୟ ବାହାରେ ରହିଛି। ସେଥିମଧ୍ୟରୁ ୩୬ ରୁ ୩୭ ହଜାର ଏକରର କାଗଜ ପତ୍ର ପ୍ରସ୍ତୁତ କରିସାରିଛୁ। ବାକି ଜମିଗୁଡ଼ିକର କାଗଜପତ୍ର ପ୍ରସ୍ତୁତ କରିବାର ପ୍ରକ୍ରିୟା ମଧ୍ୟ ଜାରି ରହିଛି। ସରକାର ବହୁତ ତ୍ୱରିତ ଗତିରେ ଏହି କାର୍ଯ୍ୟ ଆରମ୍ଭ କରିଛନ୍ତି। ମହାପ୍ରଭୁଙ୍କର ଭୂ-ସମ୍ପତ୍ତି ଯେଉଁଠି ଯାହା ରହିଛି ତାହାର ଠିକ ଆକଳନ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି। ପୁରୀ ସହରଠୁ ନେଇ ରାଜ୍ୟ ଓ ରାଜ୍ୟ ବାହାରେ ଯେଉଁ (ପୃଷ୍ଠା ୭ରେ)


भारत सरकार
GOVERNMENT OF INDIA
सत्यमेव जयते

## ଆତ୍ମନିର୍ଭର ଭାରତ ନିର୍ମାଣ ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ

## ପରବର୍ତ୍ତୀ-ପିଢ଼ିର ଜିଏସ୍‌ଟି :

## ୨ଟି କର ସ୍ଲାବ କ୍ରାନ୍ତି

ସରଳୀକୃତ ଅନୁପାଳନ ଏବଂ ଉନ୍ନତ ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି



"ଏକ ବିକଶିତ ଭାରତ ଗଠନ ପାଇଁ, ଆମେ ଅଟିକିବୁ ନାହିଁ କିମ୍ବା ମୁଣ୍ଡ ନୁଆଁଇବୁ ନାହିଁ, ଆମେ କଠିନ ପରିଶ୍ରମ କରିବୁ ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ନିର୍ମାଣ କରିବୁ।"

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

### ବ୍ୟବସାୟ ପାଇଁ ଲାଭ

**ଦୁଇଟି ହାର ଗଠନ**

ଜିଏସ୍‌ଟି ବ୍ୟବସ୍ଥା ଅଧୀନରେ ୯୯%ରୁ ଅଧିକ ସାମଗ୍ରୀ ଏବଂ ସେବା ଏବେ କରମୁକ୍ତ କିମ୍ବା ନିମ୍ନଲିଖିତ ଟିକସ ବର୍ଗରେ ଅନ୍ତର୍ଭୁକ୍ତ :

- ୫% ଜିଏସ୍‌ଟି ସ୍ଲାବ୍
- ୧୮% ଜିଏସ୍‌ଟି ସ୍ଲାବ୍

ଏହା ବର୍ଗୀକରଣକୁ ସରଳ କରିବ ଏବଂ ମାମଲାଗୁଡ଼ିକୁ ଯଥେଷ୍ଟ ହ୍ରାସ କରିବ

**ପଞ୍ଜୀକରଣ**

ନିମ୍ନଲିଖିତ ଆବେଦନକାରୀଙ୍କ ପାଇଁ ୩ କାର୍ଯ୍ୟ ଦିବସ ମଧ୍ୟରେ ସ୍ୱୟଂଚାଳିତ ପଞ୍ଜୀକରଣ :

- ତଥ୍ୟ ବିଶ୍ଳେଷଣ ଆଧାରରେ ସିଷ୍ଟମ ଦ୍ୱାରା ଚିହ୍ନଟ କରାଯାଇଛି
- କିଏ ନିର୍ଣ୍ଣୟ କରେ ଯେ ପ୍ରତିମାସରେ ୨.୫ ଲକ୍ଷରୁ ଅଧିକ ଇନପୁଟ ଟ୍ୟାକ୍ସ କ୍ରେଡିଟ୍ ପାସ୍ କରିବ ନାହିଁ ବୋଲି ନିର୍ଣ୍ଣୟ କରେ ଏବଂ ଏହି ଯୋଜନାକୁ ବାଛିଥାଏ

ପ୍ରାୟ ୯୬% ନୂତନ ଆବେଦନକାରୀଙ୍କୁ ଲାଭ ଦେବ

**ଫେରସ୍ତ**

ସିଷ୍ଟମ ଆଧାରିତ ବିପଦ ମୂଲ୍ୟାଙ୍କନ ମାଧ୍ୟମରେ ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ଅସ୍ଥାୟୀ ଫେରସ୍ତ ପ୍ରଦାନ :

- ଶୂନ ଦର ଯୋଗାଣ ପାଇଁ
- ଇନଭେର୍ଟେଡ ଡ୍ୟୁଟି ଷ୍ଟ୍ରକଚର ସହିତ ଯୋଗାଣ

ଏହା ନଗଦ ପ୍ରବାହ ପ୍ରତିବନ୍ଧକକୁ ହ୍ରାସ କରିବ ଏବଂ ଭାରତର ଅର୍ଥନୀତିକୁ ପ୍ରୋତ୍ସାହିତ କରିବ

ସୁପାରିସ କରାଯାଇଥିବା ସଂଶୋଧିତ ହାର ଏବଂ ଅନ୍ୟାନ୍ୟ ଜିଏସ୍‌ଟି ପରିବର୍ତ୍ତନର ସମ୍ପୂର୍ଣ୍ଣ ତାଲିକା ପାଇଁ, ଦୟାକରି ସ୍କାନ୍ କରନ୍ତୁ →

@cbic_india @cbicindia @CBICINDIA @cbicindia @CBICIndia www.cbic.gov.in

CBC 15502/13/0007/2526

31 YEARS

ସମ୍ବାଦ କଳିଙ୍ଗ

ଭୁବନେଶ୍ୱର, ୦୫ ସେପ୍ଟେମ୍ବର, ଶୁକ୍ରବାର ୨୦୨୫





## ନଦୀ ପାର୍ ପାଇଁ ସାହାରା ପାଲଟିଛି ଦୌଡ଼ି

# ବିପଦସଙ୍କୁଳ ଅବସ୍ଥାରେ ଯାଉଛନ୍ତି ଗ୍ରାମବାସୀ

**ମୋହନା, ନ୍ୟୁଜ୍‌ବ୍ୟୁରୋ**



ନଦୀ ପାର ପାଇଁ ଦୌଡି ହିଁ ପାଲଟିଛି ଗ୍ରାମବାସୀଙ୍କ ସାହା ଭରସା। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ଚାନ୍ଦିପୁଟ ଗ୍ରାମ ପଞ୍ଚାୟତ ବାଙ୍କୀଝୋଲା ଗାଁରେ। କିଛିଦିନ ହେବ ଲଗାଣ ବର୍ଷା ଯୋଗୁ ଏହି ନଦୀରେ ଜଳ ବୃଦ୍ଧି ପାଇବା ପରେ ବାଙ୍କଝୋଲା, ଚଡ଼ିଆପଦା ଓ ଜକରାପଲି ଗ୍ରାମବାସୀ ଏହି ଦୌଡ଼ି ସହାୟତାରେ ସ୍କୁଲ କଲେଜ, ପଞ୍ଚାୟତ, ମେଡ଼ିକାଲ ଓ ଦୈନିକ ହାଟ ବଜାର ଏହିଭଳି ବିପଦସଙ୍କୁଳ ଅବସ୍ଥାରେ ପାର୍ ହେଉଛନ୍ତି। ବର୍ଷା ଋତୁରେ ଏହି ଦୌଡ଼ି ହିଁ ତିନିଖଣ୍ଡ ଗ୍ରାମବାସୀଙ୍କ ପାଇଁ ସାହା ଭରସା ପଲଟି ଯାଉଛି। ସମସ୍ୟା ନେଇ ନେଇ ବାରମ୍ବାର ଜିଲ୍ଲା ପ୍ରଶାସନ ସହ ବ୍ଲକ ପ୍ରଶାସନକୁ ଅଭିଯୋଗ କରି ଆସୁଥିଲେ ମଧ କୌଣସି ସମାଧାନ ହୋଇ ପାରିନି। ଏ ନେଇ ଜିଲ୍ଲାପାଳ କହିଛନ୍ତି, ଗ୍ରାମ ଉନ୍ନୟନ ବିଭାଗ ଓ ବିଡ଼ିଓଙ୍କୁ ତଦନ୍ତ କରି ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବୁଲା ଗୋରୁ ଓ କୁକୁର ମୁକ୍ତ ହେବ କଟକ

**କଟକ, ନ୍ୟୁଜ୍‌ବ୍ୟୁରୋ**

ରାସ୍ତାରେ ବୁଲିବେନି ଗୋରୁ ଓ ମାଳମାଳ କୁକୁର। ଯେଉଁଠୁ ଅଭିଯୋଗ ଆସିବ ସ୍ୱତନ୍ତ୍ର ଗାଡ଼ି ଆସି ସେମାନଙ୍କୁ ଧରିନେବ। ଏପରି ଏକ ବଡ଼ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛି କଟକ ମହାନଗର ନିଗମ (ସିଏମ୍‌ସି)। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ବୁଲା ଗୋରୁ ଓ କୁକୁରଙ୍କ ନିମନ୍ତେ ଟାଙ୍ଗୀରେ ନିର୍ମାଣ ହେବ ସ୍ୱତନ୍ତ୍ର କରିଡର। ଏଥିଲାଗି ୨୫ ଏକର ଜମି ଚିହ୍ନଟ ହୋଇଥିବା ବେଳେ ଖୁବ୍‌ଶୀଘ୍ର ସମୀକ୍ଷା କରାଯାଇ ପ୍ରକଳ୍ପକୁ ତ୍ୱରାନ୍ୱିତ କରାଯିବ। ଫଳରେ ସହରରେ ବୁଲା ଗୋରୁ ଓ କୁକୁରଙ୍କୁ ନେଇ ଉପୁଜିଥିବା ସମସ୍ୟା ଦୂର ହେବା ନେଇ ଆଶା ସୃଷ୍ଟି ହୋଇଛି। ସହର ରାସ୍ତାରେ ମାଳମାଳ ଗୋରୁ, କୁକୁର ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ ଗୋରୁଗାଈ ରାସ୍ତା ଅବରୋଧ କରି ରଖୁଛନ୍ତି। ଏହା ଦ୍ୱାରା ଦୈନିକ ଲୋକ ଦୁର୍ଘଟଣାର ଶିକାର ହୋଇ ଆହତ ହେଉଛନ୍ତି। ବିଶେଷ କରି ରାତି ସମୟରେ ରାସ୍ତାରେ ଗୋରୁଗାଈଙ୍କ ରାଜୁତି ଦେଖିବାକୁ ମିଳୁଛି। ଅନେକ ସ୍ଥାନରେ ଭାରୀଯାନ ଧକ୍କାରେ ଗୋରୁମାନେ ମଧ୍ୟ ରାସ୍ତାରେ ଆହତ ହୋଇ ପଡୁଥିବା ଦେଖିବାକୁ ମିଳୁଛି। ସହରରେ ବହୁ ଲୋକେ ଗୋପାଳନ କରୁଛନ୍ତି। ମାତ୍ର ଅଧିକାଂଶ ଲୋକ ଗୋରୁକୁ ଘରେ ନ ବାନ୍ଧି ଖୋଲାରେ ଛାଡ଼ି ଦେଉଛନ୍ତି। ସେମାନେ ସକାଳେ ଓ ସନ୍ଧ୍ୟାରେ କ୍ଷୀର ଦୁହିଁ ସାରିବା ପରେ ବାହାରେ ଗାଈ ଓ ବାଛୁରୀ ଛାଡ଼ି ଦେଉଥିବା ଦେଖିବାକୁ ମିଳିଛି। ଫଳରେ ରାସ୍ତାରେ ଗୋରୁଗାଈ ବୁଲିବା ଦ୍ୱାରା ଦୁର୍ଘଟଣାର ମାତ୍ରା ବଢ଼ିବାରେ ଲାଗିଛି। କିଛିମାସ ହେବ ସହରରେ ବୁଲାଗୋରୁଙ୍କ ସଂଖ୍ୟା ବହୁ ଗୁଣ ହୋଇଥିବା ପରି ପରିଲକ୍ଷିତ ହେଉଛି।

## ଦବିଲା ରାସ୍ତା : ଯାତାୟାତ ପାଇଁ ଭୟ କରୁଛନ୍ତି ଲୋକେ

**ପାଟଣା, ନ୍ୟୁଜ୍‌ବ୍ୟୁରୋ**



ପାଟଣା ବଜାର ଦେଇ ଯାଇଥିବା ରାସ୍ତା ମଝିରୁ ଫାଟି ଯାଇ ଖାଲ ହୋଇଯାଇଛି। ସ୍ଥାନୀୟ ଲୋକେ ଏହା ଦେଖି ଏଥିରେ ଯାତାୟାତ ପାଇଁ ଭୟ କରୁଛନ୍ତି। ଏହା ବିପଦକୁ ଆମନ୍ତ୍ରଣ କରୁଛି। ପାଟଣା ବ୍ଲକ ମୁଖ୍ୟ ବଜାର ରାସ୍ତା ନିର୍ମାଣ କାମ ନିମ୍ନମାନର ହୋଇଥିବାରୁ ରାସ୍ତାର ଅବସ୍ଥା ଏବେ ଏପରି ହୋଇଛି। ସୂଚନା ଅନୁଯାୟୀ ପାଟଣା ବଜାର ଦେଇ ଯାଇଥିବା କଂକ୍ରିଟ ରାସ୍ତାଟି ୮ ବର୍ଷ ହେବ ନିର୍ମାଣ ହୋଇଥିଲା। ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ଗାଡ଼ି ମୋଟର ଠାରୁ ଆରମ୍ଭକରି କଲେଜ ସ୍କୁଲ ଛାତ୍ରଛାତ୍ରୀ ମାନେ ପ୍ରତିଦିନ ଏହି ରାସ୍ତାରେ ସ୍କୁଲକୁ ଯିବା ଆସିବା ସହ ବହୁ ବଡ଼ ବଡ଼ ଅଧିକାରୀ ମାନଙ୍କର ଗାଡ଼ି ମଧ୍ୟ ଏହି ରାସ୍ତାରେ ଯାଉଥିବା ବେଳେ ଏଥିପ୍ରତି କାହାର ନଜର ପଡୁନାହିଁ। ତୁରନ୍ତ ଏହି ରାସ୍ତାର ମରାମତି କାର୍ଯ୍ୟ କରିବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

## ଟୀକାକରଣ ସ୍ଥାନରେ ଜମୁଛି ପାଣି : ଚିନ୍ତାରେ ଅଭିଭାବକ



**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ସହରର ମଦଲାସାହି ବାସିନ୍ଦାମାନେ ଦକ୍ଷିଣ ପ୍ରାଥମିକ ବିଦ୍ୟାଳୟ ନିକଟରେ ଟୀକାକରଣ ସ୍ଥାନରେ ପାଣି ଜମିବା ସମସ୍ୟା ଉପରେ ଗଭୀର ଚିନ୍ତା ପ୍ରକାଶ କରୁଛନ୍ତି । ପ୍ରବଳ ବର୍ଷା ପରେ ଅଞ୍ଚଳଟି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି, ଯାହା ଫଳରେ ମା' ଏବଂ ଯତ୍ନ ନେଉଥିବା ବ୍ୟକ୍ତିମାନେ ସେମାନଙ୍କ ପିଲାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଟୀକାକରଣ ପାଇଁ ନେବାଆଣିବା ସମୟରେ ସୁରକ୍ଷିତ ଭାବରେ ଯାତାୟାତ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି।

ସ୍ଥାନୀୟ ଲୋକେ ଏବଂ ସ୍ୱାସ୍ଥ୍ୟ ଅଧିକାରୀମାନେ ସ୍ୱୀକାର କରିଛନ୍ତି ଯେ ଏହି ଅଞ୍ଚଳରେ ବର୍ଷା ଋତୁରେ ପାଣି ଜମିବା ଏକ ସାଧାରଣ ସମସ୍ୟା। ତଥାପି ଏହାର ସମାଧାନ କରିଯିବା ଉଚିତ୍। ପାଣି ଜମି ରହିବା ଦ୍ୱାରା ମଶାଙ୍କ ବଂଶବୃଦ୍ଧି ହୋଇପାରେ ଯାହା ଡେଙ୍ଗୁ ଜ୍ୱର ଭଳି ଭେକ୍ଟର-ବାହିତ ରୋଗର ବିପଦକୁ ବୃଦ୍ଧି କରିପାରେ। ଏହା ସହିତ କାଦୁଅରେ ପଡ଼ିଯିବାର ଆଶଙ୍କା ମଧ ରହୁଛି ଯାହା ଦ୍ୱାରା କୁନି ପିଲାମାନେ ସୁରକ୍ଷିତ ନୁହଁନ୍ତି। ତେଣୁ ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେବାକୁ ସର୍ବସାଧାରଣରେ ଦାବି କରାଯାଉଛି।

## ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ଯୋଗଦାନ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଭାବରେ ଯୋଗ ଦେଇଛନ୍ତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ। ସେ ବର୍ତ୍ତମାନ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁରର କୁଳପତି ଭାବରେ କାର୍ଯ୍ୟଭାର ତୁଲାଉଛନ୍ତି। ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ତାଙ୍କୁ ଆଗାମୀ ଛଅ ମାସ ଅବା ନୂତନ କୁଳପତିଙ୍କ ଯୋଗଦାନ ପର୍ଯ୍ୟନ୍ତ ଅତିରିକ୍ତ ଦାୟିତ୍ୱ ରାଜଭବନ ପକ୍ଷରୁ ପ୍ରଦାନ କରାଯାଇଛି। ସେ ଜଣେ ସୁଦକ୍ଷ ଇଞ୍ଜିନିୟର ସହିତ ଜଣେ ପ୍ରତିଷ୍ଠିତ ଏକାଡ଼େମୀସିଆନ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ। ତାଙ୍କର ଯୋଗଦାନରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୋଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ଓଡ଼ିଆ ଯୁବଚାଷୀ ମାନସ ହାଇଦ୍ରାବାଦରେ ସମ୍ବର୍ଦ୍ଧିତ

**ପିପିଲି, ନ୍ୟୁଜ୍‌ବ୍ୟୁରୋ**



ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ହରିଡ଼ାମଡ଼ା ଗ୍ରାମର ସଫଳ ଯୁବ ଚାଷୀ ମାନସ କୁମାର ଦାସଙ୍କୁ ଚଳିତ ବର୍ଷର ଜାତୀୟ ସ୍ତରୀୟ ମର୍ଯ୍ୟାଦାଜନକ 'ଉତ୍କୃଷ୍ଟ କୃଷକ-୨୦୨୫' ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ(ଆଇସିଏଆର), ନୂଆଦିଲ୍ଲୀ ଅନ୍ତର୍ଗତ 'ରାଷ୍ଟ୍ରୀୟ କୃଷି ଅନୁସନ୍ଧାନ ପ୍ରବନ୍ଧନ ଏକାଡେମୀ', ହାଇଦ୍ରାବାଦର ୫୦ତମ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ଭାରତ ସରକାରଙ୍କ କୃଷି ବୈଜ୍ଞାନିକ ଚୟନ କମିଟିର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଗୁରୁବଚନ ସିଂ ରାଜ୍ୟର ୫ଜଣ ଅଗ୍ରଣୀ କୃଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ସ୍ଥିତ ଭାରତୀୟ ଜଳ ପ୍ରବନ୍ଧନ ପ୍ରତିଷ୍ଠାନର ବିଭିନ୍ନ ପ୍ରଯୁକ୍ତିକୁ ଆପଣାଇଥିବା ଓଡ଼ିଶାର ସଫଳ ଯୁବଚାଷୀ ମାନସଙ୍କୁ ଏହି ସମ୍ମାନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି।

ଭୁବନେଶ୍ୱରସ୍ଥିତ ଭାରତୀୟ ଜଳ ପ୍ରବନ୍ଧନ ପ୍ରତିଷ୍ଠାନ (ଆଇଆଇଡବ୍ଲ୍ୟୁ-ଏମ୍‌)ର ଫାର୍ମର ଫାଷ୍ଟ ପ୍ରୋଜେକ୍ଟ ଦ୍ୱାରା ଆପଣାଯାଇଥିବା ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ହରିଡ଼ାମଡ଼ା ପୋଷ୍ୟ ଗ୍ରାମର ଯୁବଚାଷୀ ତଥା ଜୟଦେବ ଦାସଙ୍କ ପୁତ୍ର ମାନସଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଆଇଆଇଡବ୍ଲ୍ୟୁଏମ୍‌ର ବୈଜ୍ଞାନିକମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଆଧୁନିକ କୃଷି ପଦ୍ଧତି ଯଥା ବୈଜ୍ଞାନିକ ପଦ୍ଧତିରେ ପନିପରିବା ଚାଷ, ଧାନଚାଷ, ମାଛଚାଷ, ରଙ୍ଗୀନ କୁକୁଡ଼ା ପାଳନ, ଛତୁଚାଷ, ଜିଆଖତ ଉତ୍ପାଦନ, ଶୁଷ୍କ ଜଳସେଚନ, ପନିପରିବା ଚାଷ ଦ୍ୱାରା କୃଷିରେ ବିବିଧିକରଣ, କୃଷିରେ ଯାନ୍ତ୍ରୀକି-କରଣ ଦ୍ୱାରା ମାନସ ଜଣେ ସଫଳ କୃଷକ ହୋଇପାରିଛନ୍ତି। ଏହାଦ୍ୱାରା ସେ ଓଡ଼ିଶାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଏଥିପାଇଁ ଭାରତୀୟ ଜଳ ପ୍ରବନ୍ଧନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡଃ ଅର୍ଜ୍ଜମାଦତ୍ତ ଷଡଙ୍ଗୀ, ଫାର୍ମର ଫାଷ୍ଟ ପ୍ରୋଜେକ୍ଟ ମୁଖ୍ୟ ଡଃ ସୁମନ୍ତ କୁମାର ମିଶ୍ରଙ୍କ ସମେତ ସମସ୍ତ ବୈଜ୍ଞାନିକ ମାନେ ଦାସଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଧନକଉଡ଼ା ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଭିଯୋଗ ଶୁଣାଣି ଠାରେ ମୋଟ ୩୭ଟି ଆବେଦନ ଗ୍ରହଣ କରାଯାଇଥିଲା। ଯେଉଁଥିରୁ ୨୮ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ ୮ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡ଼ିତ ଥିଲା। ୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ସିଏମଆରଏଫ ଅଧୀନରେ ଜଣଙ୍କୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣି ଶେଷ ହେବା ପରେ ଜିଲ୍ଲାପାଳଙ୍କ ଅନୁମତି କ୍ରମେ ଜଣେ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ମଧୁବାବୁ ପେନସନ ଯୋଜନାର ଭିନ୍ନକ୍ଷମ ଭତ୍ତାରେ ଅନ୍ତର୍ଭୁକ୍ତ କରାଯାଇଥିଲା।

## କଳଚରାଲ ଏକାଡେମୀର ମାସିକ ସାହିତ୍ୟ ଆସର



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ମାସିକ ସାହିତ୍ୟ ଆସର ବାମଣ୍ଡା ଗ୍ରାମପଞ୍ଚାୟତ ଅଧିନସ୍ଥ ଟାଙ୍ଗରପାଲି ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠରେ ଅନୁଷ୍ଠିତ ହୋଇଯାଇଛ। ଅନୁଷ୍ଠାନର ସଭାପତି ଶିଶୁ ସାହିତ୍ୟିକ ତଥା ସ୍ତମ୍ଭକାର ଧ୍ରୁବ ଚରଣ ଘିବେଲା ସଭାପତିତ୍ୱ କରିବା ସହିତ ନିରନ୍ତର ଲେଖିବା, ବିଭିନ୍ନ ପତ୍ର ପତ୍ରିକାକୁ ପଠେଇ ସାହିତ୍ୟ ମାନଚିତ୍ରରେ ବୌଦ୍ଧ ଜିଲ୍ଲାର ନାମ ରଖିବା, ଲେଖି ଖୁସି ଅନୁଭବ କରିବା, ପାଠକ ବଳୟ ସୃଷ୍ଟି କରିବା, ବୌଦ୍ଧ ଜିଲ୍ଲାରେ ଲୁଚି ରହିଥିବା ସାହିତ୍ୟ କୃତିକୁ ସଂଗ୍ରହ କରିବାକୁ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଆଠମଲ୍ଲିକ ମହେନ୍ଦ୍ର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ନାୟକ ଜଗନ୍ନାଥ ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିବା ବେଳେ ସାହିତ୍ୟିକ ଚନ୍ଦ୍ରକାନ୍ତ ନାୟକ, କାର୍ତ୍ତିକେଶ୍ୱର ନାୟକ, ରାଜକୁମାର ପ୍ରଧାନ, ଶୀତଳ କୁମାର ପଟ୍ଟନାୟକ, ରାଧାମୋହନ ମହାଣା, ମଞ୍ଜୁପ୍ରଭା ପଟ୍ଟନାୟକ ପ୍ରମୁଖ ଓଡ଼ିଶା ସାହିତ୍ୟର ପ୍ରଚାର ପ୍ରସାର ତଥା ଜିଲ୍ଲା କଲଚରାଲ ଏକାଡେମୀର ବିକାଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବି ରାଜ କୁମାର ପ୍ରଧାନ, ଦେବେନ୍ଦ୍ର କୁମାର ଦେହୁରୀ, ଶୀତଳ କୁମାର ପଟ୍ଟନାୟକ, ଟଙ୍କଧର ସାହୁ, ସଂସାର ଅମାତ, ମଞ୍ଜୁପ୍ରଭା ପଟ୍ଟନାୟକ, ରଶ୍ମିତା କୁମାରୀ ବେହେରା, ରାଧାମୋହନ ମହାଣା, କାର୍ତ୍ତିକେଶ୍ୱର ନାୟକ, ଦେବରାଜ ନାୟକ, ଧ୍ରୁବ ଚରଣ ଘିବେଲା, ଚନ୍ଦ୍ରକାନ୍ତ ନାୟକ, ପବିତ୍ର ମୋହନ ପ୍ରଧାନ, ମାନଭଞ୍ଜନ ମହାଣା, ଓ ତପନ ନାୟକ ପ୍ରମୁଖ ନିଜ ନିଜର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅନୁଷ୍ଠାନର ସଦସ୍ୟ ରାଜକୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଶୋଚନୀୟ ଅବସ୍ଥାରେ ଚିନାମାଳିପଶିଠାରୁ ମଲ୍ଲିପଶି ରାସ୍ତା

**ପାଟଣା, ନ୍ୟୁଜ୍‌ବ୍ୟୁରୋ**



ପାଟଣା ବ୍ଲକ ଚିନାମାଳିପଶି ପଞ୍ଚାୟତ ଛକଠାରୁ ମଲ୍ଲିପଶି ଜାତୀୟ ରାଜପଥକୁ ସଂଯୋଗ ହେଉଥିବା ଏହି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା ଖାଲ ଢିପରେ ଭର୍ତ୍ତି ହୋଇଗଲାଣି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ପାଟଣା ବ୍ଲକ ମୁଖ୍ୟାଳୟକୁ ଯିବା ଆସିବା କରିଥାନ୍ତି। ଏହି ରାସ୍ତାଟି ବାରମ୍ବାର ଲକ୍ଷ ଲକ୍ଷ ଅର୍ଥ ବ୍ୟୟରେ ମରାମତି କରାଯାଉଥିଲେ ମଧ ୬ ମାସ ନଯାଉଣୁ ପିଚୁ ଉଠି ରାସ୍ତାର ବହୁ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହେବା ଫଳରେ ଏହି ରାସ୍ତାରେ ଯାଉଥିବା ସାଇକେଲ, ମୋଟର ସାଇକେଲ ବହୁ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏମିତିକି ଡାକ୍ତରଖାନାକୁ ଆମ୍ବୁଲାନ୍ସରେ ରୋଗୀ ନେଲେ ମଧ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଆଉ ଗୋଟିଏ ପଟେ ଦେଖିବାକୁ ଗଲେ ଏହି ରାସ୍ତାଟି ଭୀମକୁଣ୍ଡ ଦେଇ ଠାକୁର ମୁଣ୍ଡାକୁ ସଂଯୋଗ ହୋଇଥିବାବେଳେ ଅନ୍ୟ ପଟରେ ଘଟଗାଁ ବ୍ଲକକୁ ସଂଯୋଗ ହୋଇଥାଏ। ରାସ୍ତାରେ ବହୁ ସ୍କୁଲ କଲେଜ ପିଲାମାନେ ଯିବା ଆସିବା କରିବା ସହ ବହୁ ଯାତ୍ରୀବାହୀ ବସ୍ ମଧ ଯିବା ଆସିବା କରିଲାଣି। ଏହି ସବୁ ଜାଗାକୁ ଯିବାକୁ ହେଲେ ରାସ୍ତାଟି ମୁଖ୍ୟ ରାସ୍ତା ପାଲଟିଛି। କିନ୍ତୁ ଦୁଃଖର ବିଷୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଖାମଖିଆଲି ଏବଂ ମନୋମୁଖୀ କାର୍ଯ୍ୟ ଯୋଗୁଁ ଯାଉଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏହି ରାସ୍ତାଟିରେ ସୃଷ୍ଟି ହୋଇଥିବା ବଡ଼ବଡ଼ ଖାଲକୁ ଯଥାଶୀଘ୍ର ମରାମତି କରାଯିବାକୁ ଦାବି ହୋଇଛି।

## ମୀନାବଜାର ଆବର୍ଜନାରେ ପରିବେଶ ଦୂଷିତ

**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**



ଆଠଗଡ଼ ସହରର ରାସରସିକପୁର ସାହି ପଛପଟ ପଡ଼ିଆ ନିକଟରେ ଚାଲିଥିବା ମୀନାବଜାର ଆବର୍ଜନାରେ ପରିପୂର୍ଣ୍ଣ ହୋଇ ପରିବେଶ ଦୂଷିତ ହେଉଛି। ଉକ୍ତ ପଡ଼ିଆରେ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଏକ ମୀନାବଜାର ପଡିଥିଲା। ମୀନାବଜାର ବନ୍ଦ ହୋଇ ଏଠାରୁ ଚାଲିଯିବା ପରେ ସେଠାରେ ଇତସ୍ତତଃ ହୋଇ ପଡ଼ିଥିବା ପର୍ଯ୍ୟାପ୍ତ ବର୍ଯ୍ୟବସ୍ତୁ ଓ ଆବର୍ଜନା ସଫେଇ ହୋଇପାରିନାହିଁ। ବହୁମାତ୍ରାରେ ପଲିଥିନ୍, ଜରି, କାଗଜ ଓ ପତ୍ର ଠୋଲା ଏବଂ ଅନ୍ୟାନ୍ୟ ଆବର୍ଜନା ପୂରା ପଡ଼ିଆରେ ବିଛାଡ଼ି ହୋଇ ପଡ଼ିଛି। ଏପରିକି ମୀନା ବଜରରେ ବିକ୍ରି ହେଉଥିବା ଖାଦ୍ୟ ପଦାର୍ଥ ବିଭିନ୍ନ ସ୍ଥାନରେ ପଡ଼ିବା ଫଳରେ ପଚିଷଢି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଉକ୍ତ ପଡ଼ିଆର ଠିକ୍ ସାମ୍ନାରେ ଗୋପବନ୍ଧୁ ମହିଳା ସ୍ନାତକ କଲେଜ ଏବଂ ନିକଟରେ ରାସରସିକପୁର ୟୁଜିୟୁପି ସ୍କୁଲ ଓ ମହିଳା କନିଷ୍ଠ କଲେଜ ରହିଛି। ମୀନାବଜାରର ଆବର୍ଜନା ପବନରେ ଉଡି ନିକଟସ୍ଥ ମୁଖ୍ୟ ରାସ୍ତାରେ ଓ କଲେଜ ମଧରେ ପଡୁଥିବା ଦେଖାଯାଉଛି। ପରିବେଶ ପ୍ରଦୂଷଣ ପ୍ରତି ମୀନାବଜାର ମାଲିକ ଓ ଆୟୋଜକ ସଚେତନ ଥିବା ଭଳି ମନେ ହେଉନାହିଁ। ମୀନାବଜାର ପରିଚାଳନା କରୁଥିବା ଆୟୋଜକ ହୁଅନ୍ତୁ ଅବା ସ୍ଥାନୀୟ ଏନଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ପଡ଼ିଆ ସଫେଇ ପାଇଁ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ସିମ୍ଫୋନିର ନିଆରା କାର୍ଯ୍ୟକ୍ରମ 'ଫଟାସ୍' ଅନୁଷ୍ଠିତ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା କଳା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ସିମ୍ଫୋନି' ଆନୁକୂଲ୍ୟରେ ସ୍ଥାନୀୟ ମାଧପୁର ଠାରେ ଏକ ନିଆରା ଗୀତ ଓ ଗାୟନର କାର୍ଯ୍ୟକ୍ରମ 'ଫଟାସ୍-ଯେଝା ଗୀତକୁ ଯେଝା ସ୍ୱର' ଅନୁଷ୍ଠିତ ହୋଇଯାଇଛି। ସ୍ୱରଚିତ ଗୀତି କବିତାକୁ ଏକ ତାଳ, ଲୟ ଦେଇ ଗୀତ ଆକାରରେ ଯୋଗ ଦେଇଥିବା କବି ଓ ସୃଜନ ଶିଳ୍ପୀମାନେ ପରିବେଷଣ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସତୀର୍ଥ ସଭାପତି ମନ୍ମଥନାଥ ବରାଳ, ବିଶିଷ୍ଟ ଗବେଷକ ଓ ସାହିତ୍ୟିକ ନିରଞ୍ଜନ ମେକାପ, ଜିଲ୍ଲା ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି କରୁଣାକର ଦାସ, ବିଶିଷ୍ଟ କବି ପ୍ରମୋଦ ସିଂ ପ୍ରମୁଖ ଯୋଗ ଦେଇ ସିମ୍ଫୋନିର ଏହି ନିଆର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହା କବିମାନଙ୍କୁ ଏକ ନିଆରା ଢଙ୍ଗରେ ନିଜ ଭାବନାର ପ୍ରକାଶରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ସଂଯୋଜକ ସ୍ୱପ୍ନାଂଶୁ କୁମାର ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଂପାଦକ ଡ. ବିନାୟକ ପ୍ରଧାନ ସିମ୍ଫୋନିର ବିଗତ ଦିନମାନଙ୍କରେ ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ରଜନୀକାନ୍ତ ଦାସ, ପୂଜାଶ୍ରୀ ସେଠି, ପ୍ରିୟଙ୍କା ପ୍ରିୟଦର୍ଶନୀ ସ୍ୱାଇଁ, ରମେଶ ମହାରଣା ପ୍ରମୁଖ ଭାଗ ନେଇ ଥିଲେ। କୋଷାଧ୍ୟକ୍ଷ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲି ସୈରାତ ନିଲାମଧାରୀଙ୍କ ସହ ପ୍ରଶାସନର ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ବାଲି ସୈରାତ ଗୁଡିକର ନିଲାମ ନେଇଥିବା ବ୍ୟକ୍ତିମାନଙ୍କ ସହ ଜିଲ୍ଲା ପ୍ରଶାସନର ଏକ ସମନ୍ୱୟ ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣା ଜେନା, ଉପ ଜିଲ୍ଲପାଳ ଅରୁଣ କୁମାର ନାୟକ, କନିଷ୍ଠ ଖଣି ଅଧିକାରୀ ଦିନେଶ ମହାପାତ୍ରଙ୍କ ସମେତ ସମସ୍ତ ତହସିଲଦର, ସୁପରଭାଇଜର ମାନେ ଉପସ୍ଥିତ ରହି ଅଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାରେ ଥିବା ୨୯ଟି ବାଲି ସୈରାତ ମଧ୍ୟରୁ କେନ୍ଦ୍ରାପଡ଼ା, ମାର୍ଶାଘାଇ, ଗରଦପୁର, ଡେରାବିଶ ଓ ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳର ନିଲାମଧାରୀ ଓ ତାଙ୍କ ଆଇନ ସମ୍ମତ ଅଧିକୃତ ପ୍ରତିନିଧି ଆଲୋଚନାର ଅଂଶ ଗ୍ରହଣ କରିଥିଲେ। ସରକାରଙ୍କ ନିୟମ ମୁତାବକ ନିଲାମ ଧାରୀମାନେ ନିୟମିତ ସମୟରେ ରାଜସ୍ୱ କିସ୍ତି ପୈଠ କରିବା ବ୍ୟବସ୍ଥା ଥିବାବେଳେ ଦୀର୍ଘଦିନ ହେଲା ନିଲାମଧାରୀମାନେ କିସ୍ତି ପୈଠ କରୁ ନଥିବାରୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ତାଗିଦା କରା ଯାଇଛି। ଅପର ପକ୍ଷରେ ଏବେ ବର୍ଷା ଓ ବନ୍ୟା ଜଳ ବାଲି ସୈରାତ ଗୁଡିକୁ ବୁଡାଇ ଦେଇଥିବା ବେଳେ କେତେକ ବାଲି ସୈରାତରୁ ବାଲି ଉତ୍ତୋଳନ କରାଯାଉନାହିଁ। ଅନ୍ୟ କେତେକ ସୈରାତରେ ବାଲି ମାଫିଆମାନେ ଜୋର ଜବରଦସ୍ତ ବାଲି ଉଠାଇ ଚୋରାରେ ବିକ୍ରି କରୁଥିବାରୁ ନିଲାମଧାରୀ କୌଣସି ଲାଭ ପାଇପାରୁ ନାହିଁ। ଫଳରେ କିସ୍ତି ପରିଶୋଧ କରିବା କଷ୍ଟ ହେଉଥିବା ନିଲାଧରୀ ମାନେ ପ୍ରକାଶ କରିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ବେଆଇନ ବାଲି ମାଫିଆଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହା ସହ ନିଲାମଧରୀମାନେ ସଂପୃକ୍ତ ବାଲି ମାଫିଆଙ୍କ ବିରୋଧରେ ଥାନାରେ ଏତଲା ଦେବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲପଳ ପ୍ରକାଶ କରିଛନ୍ତି। ନିଲାମଧାରୀ ମାନେ ମଧ ବାଲି ଉଠାଇ ଅନ୍ୟତ୍ର ଗଚ୍ଛିତ କରି କୃତ୍ରିମ ଅଭାବ ସୃଷ୍ଟି କରିବା ସହ ଚଢ଼ା ଦରରେ ବିକ୍ରି କରିପାରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ତେବେ ସରକାରଙ୍କ ରାଜସ୍ୱ ନିୟମିତ ସମୟରେ ପୈଠ କରିବା ପାଇଁ ଜିଲ୍ଲାପାଳ ନିଲାମଧାରୀ ମାନଙ୍କୁ ସତର୍କ କରାଇ ଦେଇଥିବା ଜଣାପଡିଛି।

## ଡ. ଚିତ୍ରୋତ୍ପଳା ଦେବଦର୍ଶିନୀଙ୍କୁ ଶ୍ରେଷ୍ଠ ଅଧାପିକା ପୁରସ୍କାର

**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ କନିମୂଳ ପଞ୍ଚାୟତ ମତଗଜପୁର ଗ୍ରାମର ଅବସରପ୍ରାପ୍ତ କଟକ ଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ ସଂଘ ନେତା ସ୍ୱର୍ଗତ ବସନ୍ତ କୁମାର ପୃଷ୍ଟିଙ୍କ ସାନ ପୁତ୍ରବୋଧୂ ଡ. ଚିତ୍ରୋତ୍ପଳା ଦେବଦର୍ଶନୀ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ୬୪ତମ ପ୍ରତିଷ୍ଠା ଦିବସରେ ବିଶ୍ୱ ବିଦ୍ୟାଳୟର ଶ୍ରେଷ୍ଠ ଅଧାପିକା ରୂପେ ଚୟନ ହୋଇ ଓଡ଼ିଶାର ମହାମହିମ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ଦ୍ୱାରା ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ପ୍ରତିଷ୍ଠା ଉତ୍ସବରେ ବିଶ୍ୱ ବିଦ୍ୟାଳୟର ଉପ କୁଳାଧିପତି ତଥା ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାୟକ ବାବୁ ସିଂ, ବିଶ୍ୱ ବିଦ୍ୟାଳୟ




କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସମେତ ବିଶ୍ୱ ବିଦ୍ୟାଳୟର ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଡ. ଚିତ୍ରୋତ୍ପଳା ଜଣେ ମେଧାବୀ ଛାତ୍ରୀ ଭାବେ ସ୍ନାତକ, ସ୍ନାତକତ୍ତୋର ଓ ପିଏଚଡିରେ ଚାରୋଟି ସ୍ୱର୍ଣ୍ଣ ପଦକର ମଧ ଅଧିକାରୀ ଥିଲେ। ତାଙ୍କର ଏହି ସମ୍ମାନ ଜନକ କୃତି ପାଇଁ ତିର୍ତ୍ତୋଲ ଅଞ୍ଚଳ ସହିତ ସମଗ୍ର ଜଗତସିଂହପୁର ଜିଲ୍ଲା ର ବିଭିନ୍ନ ଜନସାଧାରଣ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ତିର୍ତ୍ତୋଲ ବିଧାୟକ ପ୍ରଫେସର ଡ. ରମାକାନ୍ତ ଭୋଇ, ଆଡଭୋକେଟ୍ ବୀରନାରାୟଣ ପାତ୍ର, ସମାଜସେବୀ ବିମଳ ମହାପାତ୍ର, ୧ ନମ୍ବର ଜୋନ ପୂର୍ବତନ ଜିଲ୍ଲାପରିଷଦ ସନାତନ ଦଳାଇ, ରାଜେନ୍ଦ୍ର ପ୍ରସାଦ ଦାସ, ପୂର୍ବତନ ସମିତି ସଭ୍ୟ ତଥା ଶିକ୍ଷାବିତ ଗୋପିନାଥ ଦାଶ, ଶିକ୍ଷାବିତ ରବୀନ୍ଦ୍ରନାଥ ମହାପାତ୍ର, ଶିକ୍ଷାବିତ ସୁଧାଂଶୁ ଶେଖର ସିଂହ, ଶିକ୍ଷାବିତ ପ୍ରଦୀପ୍ତ ସିଂହ, ଶିକ୍ଷାବିତ ରତ୍ନାକର ନାୟକ, ପ୍ରଶାନ୍ତ କୁମାର ରାଉତ, ନୃସିଂହ ଚରଣ ଲେଙ୍କା, ବାୟା ଅବଧୂତ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ କିରାଣୀ ରଞ୍ଜନ କୁମାର ସାହୁ, ବୁଦ୍ଧିଜୀବୀ ନାରାୟଣ ରାଉତ, ପାର୍ଥ ସାରଥି ସାହୁ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, କନିମୂଳ ପୂର୍ବତନ ସରପଞ୍ଚ ଇଂ ଦେବଦ୍ୟୁତି ପୃଷ୍ଟି, ଆଡଭୋକେଟ୍ ଅମରଜ୍ୟୋତି ସାହୁ, ଅମରେନ୍ଦ୍ର ସାହୁ, ବିଭୁପ୍ରସାଦ ପୃଷ୍ଟି, ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ସ୍ୱର୍ଗତ ଦେବେନ୍ଦ୍ର କୁମାର ଦାଶଙ୍କ ଦ୍ୱାରା ରଚିତ ପୁସ୍ତକ 'ଉନ୍ନବିଂଶ ଶତାବ୍ଦୀର ଓଡ଼ିଶା-ନବ ମୂଲ୍ୟାୟନ' ଉନ୍ମୋଚିତ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ପ୍ରଜ୍ଞା ପୁରୁଷ ଦେବେନ୍ଦ୍ର କୁମାର ଦାଶ ଥିଲେ ବହୁପ୍ରସ୍ତୀୟ ବୁଦ୍ଧିଜୀବୀ। ସାହିତ୍ୟର ବିବିଧ ଦିଗ ସହିତ ନନ୍ଦନ ତତ୍ତ୍ୱ, ଇତିହାସ ଚର୍ଚ୍ଚା ଓ ସଂସ୍କୃତି ଚର୍ଚ୍ଚାରେ ତାଙ୍କର ବିଦ୍‌ବତ୍ତା ଉଲ୍ଲେଖନୀୟ। ଜଣେ ଯୁକ୍ତିବାଦୀ, ହେତୁବାଦୀ ରୂପେ ପରିଚିତ ଦେବେନ୍ଦ୍ର ଦାଶଙ୍କ ପ୍ରଜ୍ଞା ମାନସକୁ ଓଡ଼ିଶା ତଥା ଓଡ଼ିଶା ବାହାରେ ସମ୍ମାନ ମିଳିଛି। ଏହି ପ୍ରୟାତ ପ୍ରଜ୍ଞା ପୁରୁଷ ଦେବେନ୍ଦ୍ର କୁମାର ଦାଶ ସ୍ମାରକୀ ବକ୍ତୃତା ମାଳାର ଦ୍ୱିତୀୟ ଅର୍ଘ୍ୟ ପ୍ରଗତି ଉତ୍କଳ ସଂଘର ମଧୁମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ଅତଶପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରାଧାପକ ଡ. ପ୍ରଶାନ୍ତ କୁମାର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ 'ଉପନିବେଶ-ଉତ୍ତର ଉପନିବେଶବାଦୀ ଓଡ଼ିଆ ସାହିତ୍ୟ' ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ଦେବେନ୍ଦ୍ର କୁମାର ଦାଶଙ୍କ କୃତ ପୁସ୍ତକ – ଉନବିଂଶ ଶତାବ୍ଦୀର ଓଡ଼ିଶା : ନବ ମୂଲ୍ୟାୟନ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସଭା ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ଦାଶଙ୍କ ଫଟୋ ସମ୍ମୁଖରେ ଧୂପ ପ୍ରଜ୍ୱଳନ ଏବଂ ପୁଷ୍ପାର୍ଘ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ସ୍ୱାଗତ ଅଭିଭାଷଣ ପରେ ଅନ୍ୟତମ ଉପସଭାପତି ଡଃ. ପ୍ରଭାତ କୁମାର ମଲ୍ଲିକ ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଡ. ନଗେନ କୁମାର ଦାସ ମଞ୍ଚ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ରଶ୍ମି ରଞ୍ଜନ ବୋଇତାଇ, ଚିତ୍ତରଞ୍ଜନ ମିଶ୍ର, ସମ୍ପାଦକ ଘନଶ୍ୟାମ ଧଳ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ, ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାନ୍ତି, ଗ୍ରନ୍ଥାଗାର ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର, କ୍ରୀଡ଼ା ସମ୍ପାଦକ ଅରବିନ୍ଦ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।





# ଅତିଥି ଅଧ୍ୟାପକଙ୍କ ଭରସାରେ ପିଏମ୍ ଶ୍ରୀ ନବୋଦୟ ବିଦ୍ୟାଳୟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଏକମାତ୍ର ପିଏମ୍ ନବୋଦୟ ବିଦ୍ୟାଳୟ ଏବେ ଅତିଥି ଅଧ୍ୟାପକଙ୍କ ଭରସାରେ ଚାଲିଛି । ସୁରଙ୍ଗୀ ଠାରେ ଅବସ୍ଥିତ ଏହି ବିଦ୍ୟାଳୟରେ ସ୍ଥାୟୀ ଅଧ୍ୟାପକ ମଧ୍ୟ ନାହାନ୍ତି । ଯାହାକୁ ନେଇ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା କ୍ଷୁବ୍ଧ ପ୍ରକାଶ କରିଛନ୍ତି । ଏନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜବାହର ନବୋଦୟ ବିଦ୍ୟାଳୟରେ ସ୍ଥାୟୀ ପ୍ରିନ୍ସିପାଲ ନିଯୁକ୍ତି ଏବଂ ଶିକ୍ଷକ ପଦବୀ ପୂରଣ ନିମନ୍ତେ ବିଧାୟକ ଶ୍ରୀ ସାମନ୍ତରା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଫୋନ୍ ମାଧ୍ୟମରେ ଅବଗତ କରାଇଛନ୍ତି । କେନ୍ଦ୍ରମନ୍ତ୍ରୀ ତାଙ୍କ ଆଗ୍ରହରେ ସକାରାତ୍ମକ ପ୍ରତିଶ୍ରୁତି ଦେଇ ଯଥାଶୀଘ୍ର ଜବାହର ନବୋଦୟ ବିଦ୍ୟାଳୟ, ସୁରଙ୍ଗୀରେ ସ୍ଥାୟୀ ପ୍ରିନ୍ସିପାଲ୍ ନିଯୁକ୍ତି ଏବଂ ଶିକ୍ଷକ ପଦବୀ ପୂରଣ କରିବେ ବୋଲି କହିଥିଲେ ବିଧାୟକ ଶ୍ରୀ ସାମନ୍ତରା । ସୂଚନାପ୍ରକାରେ ସୁରଙ୍ଗୀ ନବୋଦୟ ବିଦ୍ୟାଳୟରେ ଷଷ୍ଠ ଠାରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପଢ଼ିବାର ସୁଯୋଗ ରହିଛି । ଯୁକ୍ତ ୨ରେ ବିଜ୍ଞାନ ଓ ବାଣିଜ୍ୟ ସ୍ରୋତରେ ପିଲାମାନେ ନାମ ଲେଖାଇ ପାଠ ପଢ଼ୁଛନ୍ତି । ଏଠାରେ ସମୁଦାୟ ୫୩୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ଶ୍ରେଣୀରେ ପାଠ ପଢ଼ୁଛନ୍ତି । ଏଣେ ୨୦୨୨ ମସିହାରୁ ଏଠାରେ ସ୍ଥାୟୀ ଅଧ୍ୟାପକ ନଥିବା ସୂଚନା ମିଳିଛି । ସମ୍ପ୍ରତି ଯିଏ ଦାୟିତ୍ୱରେ ଅଛନ୍ତି ତାଙ୍କର ପଦୋନ୍ନତି ହୋଇଥିବା ଜଣାପଡ଼ିଛି । ସେହିଭଳି ଯୁକ୍ତ ୨ କ୍ଷେତ୍ରରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, କମ୍ପ୍ୟୁଟର ସାଇନ୍ସ, ଇଂରାଜୀ, ହିନ୍ଦୀ, କମର୍ସ ଓ ଅର୍ଥନୀତି ଆଦି ବିଭାଗରେ ଅଧ୍ୟାପକ ପଦବୀ ଖାଲି ପଡ଼ିଥିବା ବେଳେ ଅତିଥି ଅଧ୍ୟାପକଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ ହେଉଥିବା ଜଣାପଡ଼ିଛି । ସେହିଭଳି ହାଇସ୍କୁଲ କ୍ଷେତ୍ରରେ ମଧ୍ୟ ୪ଟି ଅଧ୍ୟାପକ ପଦବୀ ଖାଲିପଡ଼ିଥିବା ସୂଚନା ମିଳିଛି । ଅନୁରୂପ ଭାବେ ଲାଇବ୍ରେରିଆନ୍ ପଦବୀ ମଧ୍ୟ ଖାଲି ପଡ଼ିଥିବା ଜଣାଯାଇଛି । ଏହି ବିଦ୍ୟାଳୟ ଉପରେ ଅନେକ ମେଧାବୀ ଛାତ୍ରଛାତ୍ରୀ ନିର୍ଭର କରୁଥିବା ବେଳେ ଏଠାରେ ବିଭିନ୍ନ ବିଭାଗରେ ସ୍ଥାୟୀ ପଦବୀ ଖାଲି ପଡ଼ିବା ପରିତାପର ବିଷୟ ହୋଇଛି । ସ୍କୁଲରେ ମାଙ୍କଡ଼ ଉପଦ୍ରବ ବଢ଼ି ଚାଲିଥିବା ବେଳେ ଛାତ୍ରଛାତ୍ରୀମାନେ ବହୁ ସମସ୍ୟାରେ ସମସ୍ୟା ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଥିବା ବେଳେ ଏନେଇ ବିଧାୟକ ଶ୍ରୀ ସାମନ୍ତରା ଅବଗତ ହୋଇ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଚିକିଟି ନିର୍ବାଚନ ମଣ୍ଡଳୀ ସମେତ ଗଞ୍ଜାମ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଥିବା ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନ ବାଟ ବାହାର କରିବା ମୋର ପ୍ରଥମ କର୍ତ୍ତବ୍ୟ ବୋଲି ଶ୍ରୀ ସାମନ୍ତରା ପ୍ରକାଶ କରିଛନ୍ତି ।

## ନିଖୋଜ ଷଡ଼ଯନ୍ତ୍ର କରି ପ୍ରେମିକ ସହ ରହୁଥିବା ମହିଳା ଉଦ୍ଧାର

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ବାଙ୍କୀ ମହାନଦୀରେ ନିଖୋଜ ମହିଳା ଘଟଣା ନୂଆ ଟୁଇଷ୍ଟ ମୋଡ଼ ନେଇଛି । ମହିଳା ଜଣକ ପୁରୀରୁ ଉଦ୍ଧାର ହୋଇଛନ୍ତି । ପୁରୀ ଟାଉନ ଥାନା ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରି ସଖି ଗୃହରେ ରଖାଯାଇଛି । ମହିଳାଙ୍କ ପରିବାର ଲୋକଙ୍କୁ ଏନେଇ ଥାନା ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ମୁତାବକ, ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ମହିଳା ଜଣକ ନିଖୋଜର ବାହାନା କରିଥିଲେ । ହେଲେ ସେ ପୁରୀ ଟାଉନ୍ ଥାନା ଅନ୍ତର୍ଗତ ଚୁଡ଼ଙ୍ଗ ସାହିରେ ନିଜ ପ୍ରେମିକ ସହିତ ରହୁଥିବାର ନଜରକୁ ଆସିଥିଲେ । ଏନେଇ ସୂଚନା ମିଳିବା ପରେ ପୁରୀ ପୋଲିସ ମହିଳାଙ୍କୁ ଉଦ୍ଧାର କରିଛି । ଥାନାରେ ପଚରାଉଚରା ବେଳେ ସତ ସାମ୍ନାକୁ ଆସିଛି । ପ୍ରେମିକ ଜଣଙ୍କ ବିବାହିତ । ହେଲେ ଉଦ୍ଧାର ହୋଇଥିବା ମହିଳାଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ନିକଟରେ ମହାନଦୀରେ ନିଖୋଜର ନାଟକ କରି ମହିଳା ଜଣଙ୍କ ପ୍ରେମିକ ସହ ପୁରୀରେ ରହୁଥିଲେ । ସେପଟେ ମହିଳା ନିଖୋଜ ହେବାପରେ ପରିବାର ଲୋକ ବାଙ୍କି ଥାନାରେ ଅଭିଯୋଗ କରିଥିଲେ । ପରେ ପୋଲିସ ତଦନ୍ତ କରି ମହିଳାଙ୍କୁ ପୁରୀ ଚୁଡ଼ଙ୍ଗ ସାହିରୁ ଉଦ୍ଧାର କରିଛି ।

## ଲଗାଣ ବର୍ଷାରେ ବ୍ୟାସନଗର ସହର ବେହାଲ:ଲୋକେ ଅତିଷ୍ଠ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ସବୁବେଳେ ଚର୍ଚ୍ଚାର ବିଷୟ ଥାଏ ଯାଜପୁର ଜିଲ୍ଲାର ବ୍ୟାସନଗର ସହର । ଲଗାଣ ବର୍ଷାରେ ବେହାଲ ହୋଇପଡିଛି ବ୍ୟାସନଗର ସହର । ସହରର ବିଭିନ୍ନ ୱାର୍ଡ ଗୁଡିକରେ ଘରେ ଘରେ ପାଣି ପଶି ହନ୍ତସନ୍ତ ପରିବାର ଏବଂ ସହରର ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ଲେଖାଏଁ ପାଣି ଲହଡି ମାରୁଛି । ଗାଁ ସାହି କଲୋନୀ କଥା ତ ନକହିବା ଭଲ । ତେବେ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ଯୋଗୁ ଘରୁ ବାହାରିପାରିନାହାନ୍ତି ଅନେକ ପରିବାର । ଏମିତିକି ଛାତ୍ରଛାତ୍ରୀ ମାନେ ମଧ୍ୟ ବିଦ୍ୟାଳୟରୁ ଘରକୁ ଯିବା କଷ୍ଟସାଧ୍ୟ ହୋଇପଡିଛି । ତେବେ ପୌର ପରିଷଦର ବେପରୁଆ ମନମୁଖୀ କାର୍ଯ୍ୟ ଯୋଗୁ ଆଜି ସହରର ଏଭଳି ପରିସ୍ଥିତିରେ ହନ୍ତସନ୍ତ ହେଉଛନ୍ତି ସହରବାସୀ । ଅଳିଆ ଆବର୍ଜନା ଗାଁ ସାହି ପଡିଶାରେ କୁଢ଼ କୁଢ଼ ହୋଇ ପଡ଼ିରହିଛି । ଫଳରେ ମଶା, ଡାଆଁସରେ ଅତିଷ୍ଠ ସହରବାସୀ । ଡ୍ରେନ୍‌ଗୁଡିକ ମାଟିରେ ପୋତି ହୋଇ ରହିଛି ଯାହା ଏଯାଏଁ ସଫେଇ ହୋଇପାରିଲାନି । ବିଭିନ୍ନ ଅଞ୍ଚଳରେ ମାସ ମାସ ଧରି ଆବର୍ଜନା ପାଣି ଘେରରେ ରହୁଛନ୍ତି ଅନେକ ପରିବାର । ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଏଯାଏଁ ଜଳ ନିଷ୍କାସନ ହୋଇପାରିଲାନାହିଁ । ଫଳରେ ଲଗାଣ ବର୍ଷା ଯୋଗୁ ବ୍ୟାସନଗର ସହରର ପରିସ୍ଥିତି ଏବେ ଜଳମଗ୍ନ ହେବା ସ୍ୱାଭାବିକ ହୋଇପଡିଛି । ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଅନ୍ୟପଟେ ଅଧ୍ୟକ୍ଷ ଓ ପାରିଷଦ ମାନଙ୍କ ଉପରୁ ଏବେ ସହରବାସୀଙ୍କ ଆଶା ଓ ଭରସା ତୁଟି ଯିବାରେ ଲାଗିଛି । ତେବେ ପୌର ପରିଷଦର ପାରିବା ପଣିଆ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି ବୋଲି ବ୍ୟାସନଗର ସହରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଧର୍ମଶାଳା ବ୍ଲକ:ଉପାଧ୍ୟକ୍ଷ ଅଧ୍ୟକ୍ଷ ଦାୟିତ୍ୱ ନେଲେ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ପଞ୍ଚାୟତ ସମିତିର ବିଜେଡ଼ି ସମର୍ଥିତ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଇସ୍ତଫା ପରେ ଉପାଧ୍ୟକ୍ଷା ଥିବା ବିଶ୍ୱ ବିଜୟିନୀ ମିଶ୍ର ସୋମବାର ଦିନ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି । ସୂଚନାଯୋଗ୍ୟ ଯେ ପୂର୍ବତନ ଅଧ୍ୟକ୍ଷ ଅନାସ୍ଥା ଆସିବା ପୂର୍ବରୁ ନିଜ ପଦରୁ ଇସ୍ତଫା ଦେଇଥିଲେ । ପରେ ଉପଜିଲ୍ଲାପାଳ ବିଶ୍ୱ ବିଜୟିନୀଙ୍କୁ ଦାୟିତ୍ୱ ନେବା ଚିଠି କରିଥଲେ । ଦାୟିତ୍ୱ ଗ୍ରହଣ ଉତ୍ସବରେ ବିଡ଼ିଓ ଜ୍ୟୋର୍ତିମୟ କରଙ୍କ ସମେତ ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛଦେଇ ସ୍ୱାଗତ କରିଥିଲେ ।



## ୩୫ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ:ଜଣେ ଗିରଫ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପୁନଙ୍ଗ କେନାଲ ବନ୍ଧରୁ ବ୍ରାଉନ୍ ସୁଗାର ଜବତ ଓ ଜଣକୁ ଜଗତସିଂହପୁର ପୋଲିସ ଗିରଫ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ସେଠାରୁ ବ୍ରାଉନ୍ ସୁଗାର କିଭଳି ଜବତ ହେବା ସହିତ ଜଣକୁ ଗିରଫ କରିବାରେ ସଫଳ ହେଲେ ସେହି ବିଷୟରେ ସୂଚନା ଦେଇଥିଲେ । ଜଗତସିଂହପୁର ପୋଲିସ ପୁନଙ୍ଗ କେନାଲ ବନ୍ଧରେ ବ୍ରାଉନ୍ ସୁଗାର କାରବାର ହେଉଥିବା ନେଇ ସୁରାଗ ପାଇବା ପରେ ସଂଗେ ସଂଗେ ସେହି ସ୍ଥାନରେ ଚଢ଼ଉ କରିଥିଲା । ସେଠାରେ ମାର୍କଣ୍ଡପୁର ଗ୍ରାମର ପ୍ରଭାକର ଗୋଛାୟତଙ୍କ ୩୪ ବର୍ଷ ପୁଅ ପ୍ରମୋଦ କୁମାର ଗୋଛାୟତ (କୁନୁ) ୩୫ ଗ୍ରାମ୍ ବ୍ରାଉନ୍ ସୁଗାର ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ୫୦ ହଜାର ହେବ ବିକ୍ରୟ କରୁଥିଲେ । ଖବର ପାଇ ଜଗତସିଂହପୁର ପୋଲିସ ଘଟଣାସ୍ଥଳରେ ପ୍ରମୋଦକୁ ଧରିବା ସହିତ ୩୫ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରି ଥାନାକୁ ଆଣିଥିଲା । ଏହି ଚଢ଼ଉ ସମୟରେ ଏସ୍ଆଇ ବିବେକାନନ୍ଦ ସାହୁ, ଏଏସ୍ଆଇ ପି.କେ. ସାହୁ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ମମତା ଦାସ ଏବଂ ରୋହିତ ଭୋଇ ପ୍ରମୁଖ ପୋଲିସ ସାମିଲ ଥିଲେ । ଅଭିଯୁକ୍ତ ପ୍ରମୋଦ ପାଖରୁ ୩୫ ଗ୍ରାମ୍ ବ୍ରାଉନ୍ ସୁଗାର ସହିତ ୟାମହା ଓ ନଗଦ ୨ ହଜାର ୪ ସହ ଟଙ୍କା ଜବତ ହୋଇଛି । ପୋଲିସ କେଶ୍ ନମ୍ବର ୬୮୬/୨୫ ମାମଲା ରୁଜୁ କରି ପ୍ରମୋଦକୁ କୋର୍ଟ ଚାଲାଣ କରିଥିବା ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବର୍ମା ସୂଚନା ପ୍ରଦାନ କରିଥିଲେ ।

# ଚୋରା ବାଲି ଚାଲାଣ ବେଳେ ୭ ହାଇୱା ଜବତ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଦୋବଲ-ଧାମନଗର ରାସ୍ତାରେ ଯାଉଥିବା ବାଲି ବୋଝେଇ ହାଇୱାକୁ ଧାମନଗର ଥାନା ପୋଲିସ ନିଜ ହେପାଜତକୁ ନେଇ ଅଟକ ରଖିଛି । ୩ଟି ହାଇୱା ଧାମନଗର ଥାନା ପରିସରରେ ରହିଥିବାବେଳେ ଆଉ ୪ଟି ଦୋବଲ କାଳୀ ପଡ଼ିଆରେ ରଖାଯାଇଛି । ଚୋରାରେ ବାଲି



ଚାଲାଣ ହେଉଥିବା ନେଇ ଟ୍ରକ୍ ଓ ଡ୍ରାଇଭରଙ୍କ ନାଁରେ ମାମଲା ରୁଜୁ କରାଯିବ ବୋଲି ଏସ୍ଆଇ ରାଜେଶ ସେଠୀ ପକ୍ଷରୁ କୁହାଯାଇଛି । ମଙ୍ଗଳବାର ରାତିରେ ୭ଟି ହାଇୱା କ୍ଷମତା ଠାରୁ ଅଧିକ ବାଲି ବୋଝେଇ କରି ନେଇଯାଉଥିଲେ । ଦୋବଲ ଅଞ୍ଚଳରେ ପାଟ୍ରୋଲିଂରେ ଥିବା ଧାମନଗର ଥାନା ସବ୍‌ଇନ୍ସପେକ୍ଟର ରାଜେଶ ସେଠୀ ଓ ତାଙ୍କ ଟିମ୍ ହାଇୱାକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ ବାଲି ପରିବହନ ନେଇ ଆବଶ୍ୟକ ଥିବା ୱାଇ ଫର୍ମ ବା ଟ୍ରାଞ୍ଜିଟ ପାସ୍ ଡ୍ରାଇଭରମାନେ ଦେଖାଇ ପାରିନଥିଲେ । ତେବେ ବିନା ଟ୍ରାଞ୍ଜିଟ ପାସ୍‌ରେ ବାଲି ପରିବହନ କରୁଥିବାରୁ ଏହାକୁ ଚୋରାରେ ବାଲି ଚାଲାଣ ହେଉଥିବା ଅଭିଯୋଗ କରିଥିଲେ ଏସ୍ଆଇ ରାଜେଶ । ଏହାସହ ହାଇୱାଗୁଡ଼ିକୁ ଜବତ କରିଥିଲେ । ଥାନା ପରିସର ଛୋଟ ଥିବାରୁ ସାଙ୍ଗରେ ୩ଟି ହାଇୱାକୁ ନେଇଥିଲେ । ବାକି ୪ଟିକୁ ଦୋବଲ କାଳୀ ପଡ଼ିଆରେ ପାର୍କିଂ କରାଇ ଚାବି କାଠି ନେଇଯାଇଥିଲେ । ତେବେ ହାଇୱାଗୁଡ଼ିକ ଯାଜପୁର ଜିଲ୍ଲା ଅଞ୍ଚଳରୁ ବାଲି ଚୋରି କରି ଭଦ୍ରକ ଅଭିମୁଖେ ଯାଉଥିଲେ ବୋଲି ଜଣାପଡ଼ିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏବେ ବୈତରଣୀରେ ବନ୍ୟା ପାଣି ଥିବାରୁ ବାଲି ଉଠିପାରୁନାହିଁ । ଏଣୁ ଗାଡ଼ି ମାଲିକମାନେ ଯାଜପୁର, ବ୍ରହ୍ମବରଦା ଓ ବିଞ୍ଝାରପୁର ଅଞ୍ଚଳରୁ ବାଲି ଚୋରି କରି ଆଣୁଛନ୍ତି । ସେହି ବାଲି ବୋଝେଇ ଟ୍ରକ୍‌ଗୁଡ଼ିକୁ ରାତିରେ ଭଦ୍ରକ ଜିଲ୍ଲାକୁ ପଠାଉଛନ୍ତି । ଯାଜପୁରରୁ ସିନ୍ଦୁରାଇମୁହଁ ଓ ସିଦ୍ଧେଶ୍ୱର ବୈତରଣୀ ପୋଲ ବାଟେ ଭଦ୍ରକ ସୀମାରେ ପଶୁଛନ୍ତି । ସେଠାରୁ ଖଡ଼ିପଦା, ଦୋବଲ ଧାମନଗର ହୋଇ ଭଦ୍ରକ ଯାଉଛନ୍ତି । ସୈରାଟରୁ ଚୁକ୍ତିବଦ୍ଧ କ୍ଷମତା ଠାରୁ ଅଧିକ ପରିମାଣରେ ବାଲି ଚୋରି କରୁଥିବାରୁ ଲିଜ୍ ନେଇଥିବା ବ୍ୟକ୍ତି ଅନେକ ଗାଡ଼ିକୁ ଟ୍ରାଞ୍ଜିଟ ପାସ୍ ଦିଅନ୍ତି ନାହିଁ । ଯେଉଁଠି ଧରାପଡ଼ନ୍ତି କିଛି ଟଙ୍କା ଦେଇ ଖଲାସ୍ ହୁଅନ୍ତି । ହେଲେ ଜିଲ୍ଲାର ସୀମା ବଦଳିଥିବାରୁ ସେମାନଙ୍କର ଏ ସେଟିଂ କାମ କରୁନଥିବାରୁ ଏବେ ହରଡ଼ଘଣାରେ ପଡ଼ିଛନ୍ତି । ତେବେ ଯାଜପୁର ଜିଲ୍ଲାରୁ ଏବେ ଦୈନିକ ୧୫ରୁ ୨୦ଟି ହାଇୱା ଚୋରା ବାଲି ଆନନ୍ଦପୁର ସୀମା ଦେଇ ଭଦ୍ରକ ଜିଲ୍ଲାରେ ପ୍ରବେଶ କରୁଛି । ଏଣୁ ନିୟମିତ ପାଟ୍ରୋଲିଂ କରାଗଲେ ବାଲି ଚୋରିକୁ ରୋକାଯାଇପାରିବ ।

# ମାତାଲ୍ ସ୍ୱାମୀଙ୍କ ପାଇଁ ଆଇଆଇସିଙ୍କ ହଟହଟା

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**



ମାତାଲ୍ ସ୍ୱାମୀଙ୍କ ପାଇଁ ହଟହଟା କଣ୍ଟାବାଞ୍ଜି ଆଇଆଇସି ମ୍ୟାଡାମ୍ । ମାର୍କେଟ୍‌ରେ ଦେଖାଉଥିଲେ ଦବଙ୍ଗଗିରି । ଲୋକଙ୍କୁ ଦେଖାଉଥିଲେ ସ୍ତ୍ରୀଙ୍କ ପାଓ୍ୱାର । ରଙ୍ଗ ଛଡ଼େଇ ଦେଲେ ସ୍ଥାନୀୟ ଲୋକେ । ଅଧରାତିରେ ଥାନା ଘେରିଲେ କଣ୍ଟାବାଞ୍ଜିବାସୀ । ସ୍ୱାମୀ-ସ୍ତ୍ରୀ ମିଶି ଭୁଲ୍ ମାଗିବାରୁ ଥଣ୍ଡା ପଡ଼ିଲା ମାମଲା । ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ମଙ୍ଗଳବାର ବିଳମ୍ବିତ ରାତିରେ ଥାନା ଅଧିକାରିଣୀ ରଶ୍ମିତା ବେହେରାଙ୍କ ସ୍ୱାମୀ ଅରିବିନ୍ଦ ମହାପାତ୍ର ମାତାଲ୍ ହୋଇ କିଛି ଲୋକଙ୍କୁ ମାଡ଼ ମାରିବା ସହ ଦୁର୍ବ୍ୟବହାର କରିଥିଲେ । କଣ୍ଟାବାଞ୍ଜିର ପ୍ରତୀକ ଆର୍ଯ୍ୟ ତାଙ୍କ ସ୍ତ୍ରୀଙ୍କ ସହ ଏକ ମୁଡି ମିକ୍ସଚର ଦୋକାନରେ ଠିଆ ହୋଇଥିବା ସମୟରେ ତାଙ୍କୁ ଆକ୍ରମଣ କରିବା ସହ ଗାଳିଗୁଲଜ କରିଥିଲେ । ଏହି ଘଟଣାର କିଛି ସମୟ ପରେ ଏକ ପୋଲିସ ଗାଡି ପହଞ୍ଚି ଦୁର୍ବ୍ୟବହାରର ଶିକାର ହୋଇଥିବା ଲୋକଙ୍କୁ ଥାନାକୁ ଚାଲ ବୋଲି ଓଲଟା କହିଥିଲା । ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ । ପରେ ଶତାଧିକ ଲୋକ ଥାନାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ପୋଲିସ ମ୍ୟାଡାମ୍ ଓ ତାଙ୍କ ସ୍ୱାମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ । ସ୍ୱାମୀ-ସ୍ତ୍ରୀଙ୍କ ବିରୋଧରେ ଏତଲା ବି ଦେଇଥିଲେ । ଏସ୍‌ଡିପିଓ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକ ଥାନା ଅଧିକାରୀ ଓ ଏସ୍‌ଡିପିଓଙ୍କୁ ଘେରି ଯାଇଥିଲେ । ପ୍ରାୟ ୨ ରୁ ୩ ଘଣ୍ଟା ପରେ ଆଇଆଇସି ମ୍ୟାଡାମ୍‌ଙ୍କ ସ୍ୱାମୀ ଭୁଲ୍ ମାଗିବା ପରେ ମାମଲା ଥଣ୍ଡା ପଡ଼ିଥିଲା । ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।



## ବଳରାମପୁର ପଞ୍ଚାୟତରେ ରାସ୍ତା ଅବସ୍ଥା ଶୋଚନୀୟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଅଧିନସ୍ଥ ବଳରାମପୁର ଗ୍ରାମପଞ୍ଚାୟତ ଅଧୀନ ସବୁ ରାସ୍ତା ଖାଲ ଖାମରେ ଭର୍ତ୍ତି ହୋଇଛି । ବିଶେଷ କରି ଗଞ୍ଜାଘାଟ ଠାରୁ ଓଲଭାର୍ ବଜାରକୁ ଲାଗିଥିବା ଗଞ୍ଜା ବନ୍ଧର ସତଘରିଆ ଗ୍ରାମରୁ ଓଲାଭାର ବଜାର ପର୍ଯ୍ୟନ୍ତ ରାସ୍ତା ବିଧାୟକ ପାଣ୍ଠିରୁ ଦଶ ଲକ୍ଷ ଟଙ୍କା ବିନିମୟରେ ଫେବର୍ ଟାଇଲ୍ ପକାଯାଇଥିଲା । ମାତ୍ର ନିମ୍ନମାନର କାମ ହୋଇଥିବାରୁ ସେଠାରେ ଟାଇଲ୍ ଉଠିଯାଇ କେତେକ ସ୍ଥାନରେ ଖାଲଖମା ଭର୍ତ୍ତି ହୋଇଛି । ଏ ସମ୍ବନ୍ଧରେ ବାରମ୍ବାର ଗଣ ମାଧ୍ୟମରେ ଖବର ପ୍ରସାରଣ ପରେ ମଧ୍ୟ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନ ଶୁଣିବାରୁ ସମାଜସେବୀ ନଳିନୀକାନ୍ତ ପୃଷ୍ଟି ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନାଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ କନିକା ବ୍ଲକର ଭାରପ୍ରାପ୍ତ ବିଡିଓ ଭାନୁମତୀ ମାଝୀଙ୍କୁ ତୁରନ୍ତ ଏହି ସ୍ଥାନ ମରାମତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାସ୍ତାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖାଯାଇଛି । ଓଲାଭର ଜିଲ୍ଲାର ଏକ ବ୍ୟସ୍ତ ବହୁଳ ବ୍ୟବସାୟିକ ପେଣ୍ଠ ଦୈନିକ ହଜାର ହଜାର ଲୋକ ଛାତ୍ରଛାତ୍ରୀ ଏହି ରାସ୍ତାରେ ଚଳପ୍ରଚଳ ହୋଇଥାନ୍ତି । କେତେବେଳେ ଏହି ଗାତରେ ପଡ଼ି ଧନ ଜୀବନ ନଷ୍ଟହେବ ତାହା କହିହେଉନାହିଁ । ମାସକ ପରେ ସମସ୍ତ ପୂଜାପର୍ବାଣି ଆରମ୍ଭ ହେଉଥିବାରୁ ତୁରନ୍ତ ଏହି ରାସ୍ତା ଗୁଡିକୁ ମରାମତି କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି କରାଯାଇଛି ।

# ୪ କୋଟି ଟଙ୍କା ହେରଫେର:ତହସିଲଦାର ଗିରଫ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ଦୁର୍ନୀତି ପାଇଁ ମୟୁରଭଞ୍ଜ ଜିଲ୍ଲାର ଜାମଦା ତହସିଲଦାର ମଧୁସ୍ମିତା ସିଂ ଗିରଫ ହୋଇଛନ୍ତି । ୪ କୋଟି ସରକାରୀ ଟଙ୍କା ହେରଫେର ନେଇ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ତାଙ୍କୁ ଗିରଫ କରିଛନ୍ତି । ତାଙ୍କୁ ରାଜ୍ୟ ସରକାର ସରକାରୀ ଚାକିରିରୁ ନିଲମ୍ବନ କରିବା ପରେ ମଙ୍ଗଳବାର ଗିରଫ ହୋଇଛନ୍ତି । ସୂଚନାଯୋଗ୍ୟ, ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ପୌରପାଳିକାରେ ତତ୍କାଳୀନ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ କାର୍ଯ୍ୟରତ ଥିବାବେଳେ ଦୁର୍ନୀତି କରିଛନ୍ତି । ଯାହାକୁ ସ୍ୱତନ୍ତ୍ର ଅଡିଟ୍ ଯାଞ୍ଚ କରି ରାଜସ୍ୱ ବିଭାଗ ପାଖରେ ରିପୋର୍ଟ ଦାଖଲ କରିଥିଲେ । ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ନେଇ ସଙ୍ଗୀନ ଅଭିଯୋଗ ହୋଇଥିଲା । ପ୍ରଥମେ ବେଲପାହାଡ଼ ପୋଲିସ ଏକ ମାମଲା ରୁଜୁ କରି ତତ୍କାଳୀନ ଆକାଉଣ୍ଟାଣ୍ଟ ବିଭୁତି ସାହୁକୁ ଗିରଫ କରିଥିଲେ । ଏହାପରେ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବାବେଳେ ଆର୍ଥିକ ଅନିୟମିତତା ଯୋଗୁ ଭିଜିଲାନ୍ସ କୋର୍ଟରେ ମଧୁମିତା ସିଂ ଦଣ୍ଡିତ ହେବାପରେ ଗତ ଅଗଷ୍ଟ ୩୦ ତାରିଖରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା । ଏହାପରେ ତାଙ୍କୁ ଗିରଫ କରାଯାଇଛି । ମଧୁସ୍ମିତା ସିଂ ମୟୂରଭଞ୍ଜ ଜିଲ୍ଲା ଜାମଦାର ତହସିଲଦାର ଭାବେ କାର୍ଯ୍ୟରତ ଥିଲେ । ଏହି ଦୁର୍ନୀତି ନେଇ ଅର୍ଥନୈତିକ ଅପରାଧ ଶାଖା ତଦନ୍ତ ଜାରି ରଖିଛନ୍ତି । ତାଙ୍କୁ ଅଧିକ ପଚରା ଉଚରା କରିବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।

## ଦେହରେ କିରାସିନି ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳାଙ୍କ ମୃତ୍ୟୁ

**ସାଲେପୁର, ନ୍ୟୁଜ୍**

ଦେହରେ କିରାସିନି ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳା ତିଲୋତ୍ତମାଙ୍କର କଟକ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଉଲ୍ଲେଖନୀୟ ଯେ, କଟକ ଜିଲ୍ଲା ସାଲେପୁର ବ୍ଲକ ସିଢ଼ୋ ପଞ୍ଚାୟତ କଂକରାଇଲୋ ଗ୍ରାମରେ ମଙ୍ଗଳବାର ବନ୍ଦ ଘରଭିତରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉକ୍ତ ମହିଳାଙ୍କୁ ଉଦ୍ଧାର କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ସାଲେପୁର ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ସିଢ଼ୋ ପଞ୍ଚାୟତ କଂକରାଇଲୋ ଗ୍ରାମର ଅଜୟ ରାଉତଙ୍କ ପତ୍ନୀ ତିଲୋତ୍ତମା ରାଉତ (୫୨) ଦେହରେ କିରାସିନ ଢାଳି ନିଆଁ ଲଗାଇ ଦେଇଥିଲେ । ଗ୍ରାମର ଲୋକମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା । ଏଥିନେଇ ସାଲେପୁର ପୋଲିସ ତଦନ୍ତ କରୁଛି ।



## ସୁବର୍ଣ୍ଣପୁର ପୋଲିସର ଅପରେସନ 'ପ୍ରହାର' ସଫଳତା:୬୪ କେଜି ଗଞ୍ଜେଇ ଜବତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ୧ ସେପ୍ଟେମ୍ବରରୁ ଆରମ୍ଭ ହୋଇଛି ଅପରେସନ ପ୍ରହାର । 'ପ୍ରହାର' ଅପରେସନ୍ ହେଉଛି ନିଶା କାରବାର ବିରୁଦ୍ଧରେ ଏକ ସ୍ୱତନ୍ତ୍ର ଅଭିଯାନ । ବୁଧବାର ଏନେଇ ସୁବର୍ଣ୍ଣପୁର ଏସ୍‌ପି ଅଫିସ୍ କାର୍ଯ୍ୟାଳୟ ସଭା ଗୃହ ଠାରେ ଏସ୍‌ପି ନାରାୟଣ ନାୟକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ଅଭିଯାନରେ ସୁବର୍ଣ୍ଣପୁର ପୋଲିସ ବହୁତ ସତର୍କ ଏବଂ ପ୍ରତିବଦ୍ଧତା ପ୍ରତି ଗୁରୁଦାୟିତ୍ୱ ଥିବା ବିଷୟ ପ୍ରକାଶ କରିଛନ୍ତି । ଜିଲ୍ଲା ମୁଖ୍ୟାଳୟରୁ ଏକ ସ୍ୱତନ୍ତ୍ର ଗୁଇନ୍ଦା ସୂଚନା ଆଧାରରେ ତରଭା ପୋଲିସ ତରଭା ଥାନା ଅନ୍ତର୍ଗତ ସୋନପୁର-ବଲାଙ୍ଗୀର NH-57 ଘାଟକୈଁତରା ଗ୍ରାମ ନିକଟରେ ନକଲି ନମ୍ବର ପ୍ଲେଟ୍ ଲାଗିଥିବା ଏକ ଗାଡି ମାରୁତି ୱାଗନର୍‌କୁ ଅଟକାଇ ପଚରାଉଚରା ସହ ଯାଞ୍ଚ ସମୟରେ ଗଞ୍ଜେଇ ଥିବା ଜଣାପଡିଥିଲା । ଉକ୍ତ ଗାଡିରେ ଥିବା ୨ ଯୁବକ ସ୍ୱୀକାର କରିଥିଲେ ଯେ ସେମାନେ ବୌଦ୍ଧ ଜିଲ୍ଲାରୁ ଗନ୍ତବ୍ୟସ୍ଥଳକୁ ଗଞ୍ଜେଇ ଚାଲାଣ କରୁଥିଲେ । ପରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତଲାସି ସମୟରେ ମୋଟ ୬୪ ପ୍ୟାକେଟ୍ ଗଞ୍ଜେଇ ବାହାରିଥିଲା । ପ୍ରତ୍ୟେକ ପ୍ୟାକେଟ୍ ପଲିଥିନ୍ ରାପର୍ ଦ୍ୱାରା ପ୍ରାୟ ୧ କେଜି ଗଞ୍ଜେଇ ପ୍ୟାକିଂ ହୋଇଥିଲା । ଏହି ସମ୍ପର୍କରେ ତରଭା ଥାନା କେସ୍ ନଂ.୨୪୨ ତା ୦୩/୦୯/୨୦୨୫ ୟୁ/ଏସ୍-୨୦(ବି)(ଆଇଆଇ) ସି ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ଏକ ମାମଲା ପଞ୍ଜିକୃତ ହୋଇଛି ଏବଂ ତଦନ୍ତ ଜାରି ରହିଛି । ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଗଞ୍ଜେଇର ଉତ୍ପତ୍ତି ଏବଂ ପରବର୍ତ୍ତୀ ଲିଙ୍କ୍ ଚିହ୍ନଟ କରାଯିବ ବୋଲି ମଧ୍ୟ ଏସ୍‌ପି ପ୍ରକାଶ କରିଛନ୍ତି । ପ୍ରହାର ଅଭିଯାନରେ ଏପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲା ପୋଲିସକୁ ୪ଟି NDPS ଆକ୍ଟରେ ମାମଲା ରୁଜୁ ହୋଇଛି ଯେଉଁଥିରେ ୭୩ କେଜି ଗଞ୍ଜେଇ, ୧୮୬ଟି କଫ ସିରଫ ବୋତଲ ଏବଂ ଉତ୍ପାଦ ଆଇନ ଅନୁଯାୟୀ ୨ଟି ମାମଲା ରୁଜୁ ହୋଇଛି ଯେଉଁଥିରେ ୧୩.୨ ଲିଟର OS/ID ଦେଶୀ ମଦ ଜବତ କରାଯାଇଛି । ମୋଟ ୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨ଟି ଦୁଇ ଚକିଆ ଯାନ ଓ ୨ଟି ଚାରି ଚକିଆ ଜବତ କରାଯାଇଛି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୫।୯।୨୦୨୫, ଭାଦ୍ରବ ଦି୨୦ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୩୨।୦୪ ଚନ୍ଦ୍ରୋଦୟ- ଦିଘ ୪।୨୫।୦୮**

**ତ୍ରୟୋଦଶୀ-** ରାଘ ୩।୧୩ ପର୍ଯ୍ୟନ୍ତ । **ଶ୍ରବଣା ନକ୍ଷତ୍ର-** ରାଘ ୧୧।୩୭ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୩।୧୩ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୬ ଗତେ ଘ ୬।୨୫ ମଧ୍ୟେ । ଦିଘ ୧୨।୧୦ ଗତେ ଘ ୨।୩୭ ମଧ୍ୟେ । **ପର୍ବୋତ୍ସବ-** ଗୁରୁଦିବସ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ, ମହାପୁରୁଷ ମହମ୍ମଦ ଜୟନ୍ତୀ, ମିଲଦ୍-ଉନ୍-ନବି ।


**ମେଷ:** ରୋଜଗାର ମଧ୍ୟମ ଧରଣର ହେବ । ଦେହ ଓ ମନ ଭଲ ରହିବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପାରିବାରିକ କଳହ ଦେଖାଦେବ । ମନରେ ବିରକ୍ତି ଜାତ ହେବ । ଦେହ ଓ ମନ ଭଲ ରହିବ ।


**ବୃଷ:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହୋଇଯିବ । ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ । ରୋଜଗାରରେ ଉନ୍ନତି ଦେଖାଦେବ । ପରିବାରରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ବ୍ୟବସାୟରେ ଲାଭବାନ୍ ହେବେ ।


**ମିଥୁନ:** କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ୍ୟ ଲାଭ କରିବେ । ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ଓ ଭ୍ରମଣ ଯୋଗ ରହିଛି । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଶାନ୍ତି ଲାଭ ହେବ ।


**କର୍କଟ:** ଖର୍ଚ୍ଚର ପରିମାଣ ବଢ଼ିବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ମିଳନ ସହିତ ଉତ୍ତମ ଭୋଜନ ପ୍ରାପ୍ତ ହେବ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବାର ସୂଚନା । ମହିଳାମାନେ ସୁଖୀ ହେବେ ।


**ସିଂହ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ । ଅଯଥା ଦୂରକୁ ଯାତ୍ରା କରିବେ । ଘାତଚନ୍ଦ୍ର ହେତୁ ସାବଧାନତା ଶ୍ରେୟସ୍କର । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଦ୍ୱନ୍ଦ୍ୱ ସୃଷ୍ଟି ହେବ ।


**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦୂରଯାତ୍ରା କରି ସଫଳତା ପାଇବେ । ଆଶା କରୁଥିବା ଦିଗରୁ ଆୟ ହେବ । ପାରିବାରିକ ଜୀବନ ସୁଖମୟ ହେବ । ଲୋକପ୍ରିୟତା ବଢ଼ିବାର ସୂଚନା । ମନ ଭଲ ରହିବ ।


**ତୁଳା:** ଅଧିକ ପରିଶ୍ରମ କରିବେ । ହେଲେ ପାରିଶ୍ରମିକ କମ୍ ହେବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ । ରୋଜଗାରରେ ଉନ୍ନତି ହେବ । ଉତ୍ତମ ଭୋଜନ ମିଳିବ । ମାଲିମୋକଦ୍ଦମାରେ ସଫଳତା ମିଳିବ ।


**ବିଛା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଶତ୍ରୁମାନେ ପରାସ୍ତ ହେବେ । ମହିଳାମାନେ ସୁଖୀ ହେବେ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପରିବାରରେ ସୁଖ ଶାନ୍ତି ବିରାଜମାନ କରିବ । ଦେହ ଭଲ ରହିବ ।


**ଧନୁ:** ବ୍ୟବସାୟରେ ଲାଭବାନ୍ ହେବେ । ଘରକୁ ନାନା ସୌଖିନ୍ୟ ଦ୍ରବ୍ୟ ଆଣିବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟ ଓ ବ୍ୟୟର ପରିମାଣ ସ୍ଥିର ରହିବ । ଗୃହେ ଶାନ୍ତି ଲାଭ ହେବାର ସୂଚନା ।


**ମକର:** ସହକର୍ମୀଙ୍କ ସହଯୋଗ ଲାଭ କରିବେ । ଦୂର ସ୍ଥାନକୁ ଯାତ୍ରା କରି ସଫଳତା ମିଳିବ । ଠକାମିରେ ପଡ଼ିପାରନ୍ତି । ଏଣୁ ସାବଧାନରେ ଚଳିବେ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା । ଗୃହେ ଆନନ୍ଦ ।


**କୁମ୍ଭ:** ଚାକିରୀ କ୍ଷେତ୍ରରେ ପଦୋନ୍ନତି ହେବ । ଦେହ ଓ ମନ ଭଲ ରହିବ । ଅପରାହ୍ନେ ଶୁଭ ଖବର ପ୍ରାପ୍ତ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ନୂତନ ଦ୍ରବ୍ୟ ମିଳିପାରେ । ପାରିବାରିକ ଅସନ୍ତୋଷ ଦେଖାଦେବ ।


**ମୀନ:** ପର ପାଇଁ ହଇରାଣରେ ପଡ଼ିବେ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ପାରିବାରିକ ଆନନ୍ଦ ଲାଭ ହେବ । ବନ୍ଧୁଙ୍କ ସହିତ ସାକ୍ଷାତ ହୋଇପାରେ । ପରିବହନ କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଭଲ ରହିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୬।୯।୨୦୨୫, ଭାଦ୍ରବ ଦି୨୧ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୩୨।୦୪ ଚନ୍ଦ୍ରୋଦୟ- ଦିଘ ୪।୨୫।୦୮**

**ଚତୁର୍ଦ୍ଦଶୀ-** ରାଘ ୧।୪୨ ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ରାଘ ୧୦।୫୫ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଦିଘ ୧୧।୨୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ଦିଘ ୧୧।୨୦ ଗତେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । ଦିଘ ୧୧।୨୦ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୧।୪୨ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୩ ଗତେ ଘ ୧୨।୫୮ ମଧ୍ୟେ । ରାଘ ୮।୧୪ ଗତେ ଘ ୧୦।୩୫ ମଧ୍ୟେ । **ପର୍ବୋତ୍ସବ-** ଅନନ୍ତ ବ୍ରତ, ଅଘୋର ଚତୁର୍ଦ୍ଦଶୀ, ଶ୍ରୀ ଶିବ ପାର୍ଶ୍ୱ ପରିବର୍ତ୍ତନ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ପ୍ରଦୂଷଣକୁ ନେଇ ଚିନ୍ତିତ

ପ୍ରାୟ ୧୦ ବର୍ଷ ତଳେ ଚୀନ୍‌ରୁ ଅନେକ ଫଟୋ ଓ ଭିଡିଓ ସାମ୍ନାକୁ ଆସିଲା, ଯେଉଁଥିରେ ଲୋକଙ୍କୁ ପ୍ରଦୂଷଣକୁ ନେଇ ଚିନ୍ତିତ ଥିବା ଦେଖିବାକୁ ମିଳିଲା । ଶୀତଦିନେ ସ୍ଥିତି ଆହୁରି ଖରାପ ହେଉଥିଲା । ଇତିମଧ୍ୟରେ ସରକାର ଅନେକ ନିୟମ ଲାଗୁ କଲେ। କୋଇଲା ଚାଳିତ କାରଖାନାଠୁ ଆରମ୍ଭ କରି ଗାଡ଼ି ଉପରେ କଠୋର ନିୟମ ଲାଗୁ ହେଲା । ଫଳରେ ୨୦୧୦ରୁ ୧୦ ବର୍ଷ ମଧ୍ୟରେ ସେଠାରେ ବିଷାକ୍ତ ଗ୍ୟାସ୍ ନିର୍ଗମନ ମାତ୍ରା ଖୁବ୍ କମିଗଲା। କିନ୍ତୁ ଏହି ସଫେଇ ପଦକ୍ଷେପ ସୂର୍ଯ୍ୟର ଉତ୍ତାପକୁ ରୋକୁଥିବା ସେହି ସ୍ତରକୁ ହଟାଇଦେଲା। ଅର୍ଥାତ୍ ବିଶ୍ୱ ଉତ୍ତାପନ ବଢ଼ିଲା।

ପ୍ରଦୂଷଣ କମିଲେ ଉତ୍ତାପ କେମିତି ବଢ଼େ, ତାହା ବୁଝିବା ପୂର୍ବରୁ ସଦ୍ୟ ଅଧ୍ୟୟନ ବିଷୟରେ ଜାଣିବା ଆବଶ୍ୟକ । କମ୍ୟୁନିକେସନ୍ସ ଆର୍ଥ୍ ଆଣ୍ଡ ଏନ୍‌ଭିରନ୍‌ମେଣ୍ଟ ନାମକ ଅନ୍ତର୍ଜାତୀୟ ବିଜ୍ଞାନ ପତ୍ରିକାରେ ଏକ ସଦ୍ୟ ଅଧ୍ୟୟନ ପ୍ରକାଶ ପାଇଛି । ଅଧ୍ୟୟନ ଅନୁସାରେ, ବିଶ୍ୱ ଉତ୍ତାପନରେ ବର୍ତ୍ତମାନ ଯେଉଁ ବୃଦ୍ଧି ପରିଲକ୍ଷିତ ହେଉଛି, ପୂର୍ବ ଏସିଆରେ ସ୍ୱଚ୍ଛତା ମଧ୍ୟ ଏଥିପାଇଁ ଦାୟୀ । ଅଧ୍ୟୟନରେ ଆମେରିକା, ନରୱେ ଓ ବ୍ରିଟେନର ବୈଜ୍ଞାନିକମାନେ ମିଳିତ ଭାବେ କାମ କରିଛନ୍ତି । ସେମାନେ ଜାଣିବାକୁ ପାଇଛନ୍ତି, ୨୦୧୦ରୁ ପରବର୍ତ୍ତୀ ଦଶନ୍ଧିରେ ପୃଥିବୀର ହାରାହାରି ତାପମାତ୍ରା ୦.୨୩ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବଢ଼ିବା କଥା । କିନ୍ତୁ ପ୍ରକୃତରେ ତାପମାତ୍ରା ୦.୩୩ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଗଲା । ଏହି ଅନ୍ତର ପଢ଼ିବା ଓ ଶୁଣିବା ପାଇଁ କମ୍ ମନେ ହେଉଥାଇପାରେ । କିନ୍ତୁ ବିଶ୍ୱସ୍ତରରେ ବହୁତ ଅଧିକ । ଏହି ବର୍ଦ୍ଧିତ ଗ୍ରାଫ୍‌ରୁ ପ୍ରାୟ ୦.୦୭ ଡିଗ୍ରୀ ଉତ୍ତାପ କେବଳ ପୂର୍ବ ଏସିଆର ସ୍ୱଚ୍ଛ ବାୟୁ ଯୋଗୁ ବଢ଼ିଛି । ଅର୍ଥାତ୍ ବାୟୁକୁ ସ୍ୱଚ୍ଛ କରିବାର ପ୍ରୟାସ ଅଜାଣତରେ ବିଶ୍ୱକୁ ଆହୁରି ଉତ୍ତପ୍ତ କରିଛି । କିନ୍ତୁ ଚୀନ୍ ଏମିତି କ'ଣ କଲା ପ୍ରଦୂଷଣକୁ ନେଇ ନିରନ୍ତର ଚାଲିଥିବା ହୋ-ହଲ୍ଲା ମଧ୍ୟରେ ବେଜିଂ ନିଜର କାରଖାନା, ବିଜୁଳିଘର ଓ ଗାଡ଼ିରୁ ହେଉଥିବା ପ୍ରଦୂଷଣ ରୋକିବା ଉପରେ ଧ୍ୟାନ ଦେଲା । ଖାସ୍‌କରି ସଲ୍‌ଫର ଡାଇଅକ୍ସାଇଡ୍ ନାମକ ଗ୍ୟାସ୍‌କୁ କମାଇବା ଉପରେ ଫୋକସ୍ କଲା, ଯାହା ବାୟୁ ପ୍ରଦୂଷଣର ବଡ଼ କାରଣ । କୋଇଲାରୁ ପରିଚାଳିତ ପ୍ଲାଣ୍ଟଗୁଡ଼ିକୁ ବନ୍ଦ କରାଗଲା । କାରଖାନା ପାଇଁ କଡ଼ା ନିୟମ ଲାଗୁ ହେଲା। ଏହା ଦ୍ୱାରା ବାୟୁ ପରିଷ୍କାର ହେବାକୁ ଲାଗିଲା । କିନ୍ତୁ ବିଶ୍ୱ ଉପରେ ଏହାର ଓଲଟା ପ୍ରଭାବ ପଡ଼ିଲା। ବାୟୁରେ ଉପସ୍ଥିତ ସଲଫର ଡାଇଅକ୍ସାଇଡ୍‌ର କଣିକାକୁ ଏରୋସୋଲ୍ ମଧ୍ୟ କୁହାଯାଏ। ସୂର୍ଯ୍ୟର ଉତ୍ତାପ ଏହି କଣିକାରେ ବାଜି ପୁଣି ଫେରିଯାଏ। ଏହା ଦ୍ୱାରା ପୃଥିବୀରେ ସୂର୍ଯ୍ୟର ସେହି ତାପମାତ୍ରା ପହଞ୍ଚିପାରେ ନାହିଁ। ଚୀନ୍ ଯେତେବେଳେ ବାୟୁରୁ ଏରୋସୋଲ୍ ହଟାଇଦେଲା, ପରଦା ହଟିବାରୁ ଉତ୍ତାପ ସିଧା ତଳକୁ ପହଞ୍ଚିଲା । ବିଶ୍ୱ ତାପମାତ୍ରାରେ ଅତିରିକ୍ତ ବୃଦ୍ଧିରେ କେବଳ ଚୀନ୍ ନୁହେଁ, ଜାପାନ, ଦକ୍ଷିଣ କୋରିଆ ଭଳି ଦେଶ ମଧ୍ୟ ସାମିଲ । ଏ ସମସ୍ତ ଦେଶ ମିଶି ସୋଲାର ଜିଓଇଞ୍ଜିନିୟରିଙ୍ଗ କରୁଛନ୍ତି । ଏହାର ଅର୍ଥ ଜାଣିଶୁଣି ବାୟୁରେ ଏଭଳି କଣିକା(ଏରୋସୋଲ୍) ଛାଡ଼ିବା, ଯାହା ସୂର୍ଯ୍ୟ ରଶ୍ମିକୁ ଫେରାଇଦେବ। ଆଗ୍ନେୟଗିରି ବିସ୍ଫୋରଣକୁ ଦେଖି ଏହି ବିଚାର ସେମାନଙ୍କ ମନକୁ ଆସିଲା । ଯେତେବେଳେ କୌଣସି ବଡ଼ ବିସ୍ଫୋରଣ ହୁଏ, ଆଖପାଖରେ ଧୂଳି ଓ ଧୂଆଁ ବ୍ୟାପିଯାଏ। ଏହା ପରେ ଉକ୍ତ କ୍ଷେତ୍ରର ତାପମାତ୍ରା ବହୁତ ଦିନ ପର୍ଯ୍ୟନ୍ତ କମ୍ ରହେ। ଏଥିରୁ ଉପରୋକ୍ତ ଦେଶ ସୋଲାର ଜିଓଇଞ୍ଜିନିୟରିଙ୍ଗ୍‌ର ବିଚାର ପାଇଲେ। ଏହି ବିଚାରକୁ ନେଇ ୨୦୨୨ରେ ମେକ୍ସିକୋରେ ସବୁଠୁ ବଡ଼ ପ୍ରୟୋଗ ହେଲା । ଏକ ଆମେରିକୀୟ କମ୍ପାନି ତାପମାତ୍ରା ହ୍ରାସ କରିବା ଲାଗି ଚୁପଚାପ୍ ବାୟୁରେ ସଲ୍‌ଫର ଡାଇଅକ୍ସାଇଡ୍‌ପୂର୍ଣ୍ଣ ବେଲୁନ୍ ଛାଡ଼ିଲା । କିନ୍ତୁ ମାମଲା ସାମ୍ନାକୁ ଆସିବା ପରେ ହଙ୍ଗାମା ହେଲା । ମେକ୍ସିକୋର ବୈଜ୍ଞାନିକମାନେ ବିରୋଧ କଲେ । ଏରୋସୋଲ୍‌ର ସନ୍ତୁଳନ ବିଗିଡ଼ିଲେ, ଭୟଙ୍କର ବର୍ଷା-ମରୁଡ଼ି କିମ୍ବା ଅତିଶୟ ଥଣ୍ଡା ଭଳି ଅନେକ ଚରମ ସ୍ଥିତି ଉପୁଜିବ ବୋଲି ଚେତାବନୀ ଦେଲେ । ଶେଷରେ କମ୍ପାନି ପ୍ରୟୋଗକୁ ବନ୍ଦ କରିଦେଲା। କିନ୍ତୁ ବିଶ୍ୱ ଉତ୍ତାପନକୁ ରୋକିବା ପାଇଁ ଏହି ନୂଆ କୌଶଳ ଚର୍ଚ୍ଚାକୁ ଆସିଲା । ବାୟୁ ପ୍ରଦୂଷଣକୁ ହ୍ରାସ କରିବାର ଏହି ଉପାୟ ଭୁଲ ନୁହେଁ । କିନ୍ତୁ ସଲ୍‌ଫର ଡାଇଅକ୍ସାଇଡ୍ ସହିତ କାର୍ବନ୍ ଡାଇଅକ୍ସାଇଡ୍ ଓ ଅନ୍ୟ ଗ୍ରୀନ୍ ହାଉସ୍ ଗ୍ୟାସ୍‌ଗୁଡ଼ିକୁ ମଧ୍ୟ କମାଇବା ଜରୁରି, ଯାହା ଯୋଗୁ ବିଶ୍ୱ ତାପନ ବଢୁଛି ।

# ଗଛ ଲଗାଇବା କାହାପାଇଁ ?

ଆପଣଙ୍କ ମତାମତ



ମହାଶୟ,

ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା, ଓଡ଼ିଶାବାସୀଙ୍କ ପ୍ରତି ସଦିଚ୍ଛାର ସମ୍ମାନ ଜଣାଇ 'ଏକ ପେଡ଼ ମା' କେ ନାମ' ଅଭିଯାନରେ ସେପ୍ଟେମ୍ବର ୧୭ ତାରିଖରେ ଓଡ଼ିଶାରେ ଗୋଟିଏ ଦିନରେ ଲାଗିବ ୭୫ ଲକ୍ଷ ଗଛ। ଏହା ଅତ୍ୟନ୍ତ ଖୁସିର ବିଷୟ। ଯେତିକି ଅଧିକ ଗଛ ଲାଗିବ ପରିବେଶର ସନ୍ତୁଳନତା ସେତିକି ସମାନ୍ତରାଳ ହୋଇ ରହିବ। ମଣିଷ ବଞ୍ଚିବା ପାଇଁ ଅମ୍ଳଜାନ ଏକାନ୍ତ ଆବଶ୍ୟକ ଯାହା କେବଳ ଗଛ ଦେଇଥାଏ। ତେଣୁ ପ୍ରଧାନମନ୍ତ୍ରୀଙ୍କୁ ସଦିଚ୍ଛା ଜଣାଇବାକୁ ଆମ ମୁଖ୍ୟମନ୍ତ୍ରୀ ଏଇ ଯେଉଁ ବିରାଟ ପଦେକ୍ଷପ ନେଇଛନ୍ତି ତାହା ଅଭିନନ୍ଦନୀୟ। ତେବେ ପ୍ରଶ୍ନ ଉଠୁଛି ଏତେ ସଂଖ୍ୟକ ଗଛ ଲଗାଯିବ ତାହା ପୁଣି ସେପ୍ଟେମ୍ବର ୧୭ରେ। ଆମ ପାଣିପାଗ ହିସାବରେ ସେପ୍ଟେମ୍ବର ୧୭ ବେଳକୁ ଆଶ୍ୱିନ ମାସ ଆରମ୍ଭ ହୋଇଯାଇଥିବ ଏବଂ ସେହି ସମୟରେ ବର୍ଷାର ପ୍ରକୋପ କମିଯାଇ ଆକାଶ ନିର୍ମଳ ହୋଇଯାଇଥିବ। ତେଣୁ ୭୫ ଲକ୍ଷ ଚାରା ଗଛ କେଉଁ ପାଣି ସାହାଯ୍ୟରେ ବଂଚିବେ ? ୭୫ ଲକ୍ଷ ଗଛକୁ ପ୍ରତିଦିନ ଦୁଇଥର ପାଣିଦେବା ପାଇଁ ସରକାର କେଉଁ ବ୍ୟବସ୍ଥା ଗ୍ରହଣ କରିବେ ? ପୁଣି ଚାରା ଗଛ ଗୁଡିକର ରକ୍ଷଣାବେକ୍ଷଣ ପ୍ରାୟ ୩ ବର୍ଷ ଯାଏ କରିବାକୁ ପଡିବ। ଗାଈ, ଛେଳି ଇତ୍ୟାଦିଙ୍କ କବଳରୁ ରକ୍ଷା କରିବାକୁ। ଆମ ରାଜ୍ୟରେ ଗଛ ଲଗାଇଲା ପରେ ଟ୍ରି ପ୍ରୋଟେକ୍ସନ ଆକ୍ଟ କାର୍ଯ୍ୟକାରୀ ହେଉଛିକି ଯେମିତି ୪ଟି ରାଜ୍ୟ ୱେଷ୍ଟ ବେଙ୍ଗଲ, କେରଳ, ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ଏହା ପାଳନ କରାଯାଇଥାଏ। ଚାରାଗଛ ଗୁଡିକର ରକ୍ଷଣାବେକ୍ଷଣା ଦାୟିତ୍ୱ ସରକାରଙ୍କର। ଏହି କାର୍ଯ୍ୟକ୍ରମ ପାଇଁ କେତେ ନିଯୁକ୍ତି ସୃଷ୍ଟି କରାଯିବ ଓ କେତେଦିନ ପାଇଁ ? ପୂର୍ବରୁ ମଧ୍ୟ ଏମିତି ଲକ୍ଷ ଲକ୍ଷ ଗଛ ଲଗାଯାଇଛି । ସେଗୁଡିକର ବର୍ତ୍ତମାନ ପରିସ୍ଥିତି କଣ ? ସେମାନଙ୍କ ମଧ୍ୟରୁ କେତେ ବଞ୍ଚିଛନ୍ତି ? କାହା ପାଖରେ ଏସବୁର ହିସାବ ଅଛି ? ଏସବୁକୁ ଆଖିଆଗରେ ରଖି ଆଶାକରୁଛୁ ସରକାର ଯଦି ଏତେଗୁଡିଏ ଗଛ ଲଗାଇବାର ଦାୟିତ୍ୱ ନେଉଛନ୍ତି ସେଗୁଡିକର ସୁରକ୍ଷା ଏବଂ ଯତ୍ନ ପାଇଁ ମଧ୍ୟ ଉପଯୁକ୍ତ ବ୍ୟବସ୍ଥା କରିବେ।

ପ୍ରଫୁଲ୍ଲ କୁମାର ରଥ
ୟୁନିଟ-୯, ଭୁବନେଶ୍ୱର

# ଗୁରୁ ଦିବସ ଓ ଡ଼ଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍



ବିଶ୍ୱବିଜୟୀ ଦାଶ
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ଭାରତବର୍ଷରେ ଗୁରୁଙ୍କର ସ୍ଥାନ ଯଥେଷ୍ଟ ଉଚ୍ଚରେ। ଗୁରୁଙ୍କର ସଂଜ୍ଞା ନିରୂପଣ କରାଯାଇ ଯଥାର୍ଥରେ କୁହାଯାଇଛି ଯେ-

"ଗୁ କାରୋ ନ୍ଧକାରସ୍ତୁ
ଗୁକାରସ୍ତନ୍ନିବର୍ତ୍ତକଃ
ଅନ୍ଧକାର ନିବୃତ୍ୟାକୁ
ଚାରୁରିତ୍ୟଭିଧୀୟତେ।"

ଅର୍ଥାତ୍ 'ଗୁ' ଅର୍ଥ ଅନ୍ଧକାର, 'ରୁ' ଅର୍ଥ ଅଜ୍ଞାନ। ଛାତ୍ରଛାତ୍ରୀମାନଙ୍କର ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରକରି ଜ୍ଞାନରୂପକ ଆଲୋକକୁ ପ୍ରଦାନ କରିବାରେ ଶିକ୍ଷକମାନେ ସମର୍ଥ ହୋଇଥିବାରୁ ତାଙ୍କୁ 'ଗୁରୁ' ଆଖ୍ୟା ପ୍ରଦାନ କରାଯାଇଛି।

ପୁନଶ୍ଚ :-

"ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ
ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ୍ ପରଂବ୍ରହ୍ମ
ତସ୍ମୈଶ୍ରୀ ଗୁରୁବେ ନମଃ।"

ଅର୍ଥାତ୍ ଗୁରୁ ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର। ସେ ମଧ୍ୟ ପରଂବ୍ରହ୍ମ ସଦୃଶ ପ୍ରତୀୟମାନ ହୋଇଥା'ନ୍ତି। ଏଣୁ ଗୁରୁଙ୍କୁ କୋଟି ନମସ୍କାର ସର୍ବାଦୌ କରଣୀୟ। ମୁଖ୍ୟତଃ ଗୁରୁ ହେଉଛନ୍ତି ଦେବତା ସମାନ। ତାଙ୍କରି ଶୁଭାଶିଷ ଲାଭ କରି ଶିଷ୍ୟ ପ୍ରକୃତ ମନୁଷ୍ୟତା ଲାଭ କରିଥାଏ। ଗୁରୁକୃପା ହିଁ ଛାତ୍ର-ଛାତ୍ରୀଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ଦେଇଥାଏ। ଏଣୁ ଗୁରୁଭକ୍ତି ଛାତ୍ରଛାତ୍ରୀଙ୍କର ଭୂଷଣ ହେବା ଦରକାର। ଅପରପକ୍ଷରେ ଗୁରୁଙ୍କର ଶୁଭଦୃଷ୍ଟି ଛାତ୍ରଙ୍କ ଉପରେ ପଡ଼ିବା ଆବଶ୍ୟକ। ଏ ପରିପ୍ରେକ୍ଷୀରେ ପ୍ରତିବର୍ଷ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମତିଥିକୁ ଗୁରୁଦିବସ ରୂପେ ପାଳନ କରାଯାଉଛି। ଶିକ୍ଷା ପ୍ରତି ଡକ୍ଟର ରାଧାକ୍ରିଷ୍ଣନଙ୍କର ଅବଦାନକୁ ମନେ ରଖିବା ପାଇଁ ତାଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି।

ଡକ୍ଟର ରାଧାକ୍ରିଷ୍ଣନ ଏକାଧାରରେ ଜଣେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ, ଭାରତ ବର୍ଷର ପ୍ରଥମ ଉପରାଷ୍ଟ୍ରପତି ଓ ଦ୍ୱିତୀୟ ରାଷ୍ଟ୍ରପତି ଭାବେ ବେଶ ଖ୍ୟାତି ଅର୍ଜନ କରିଥିଲେ। ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁଟ୍ଟନୀଠାରେ ଜନ୍ମଗ୍ରହଣ କରିଥିଲେ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ । ରାଧାକ୍ରିଷ୍ଣନଙ୍କ ଶୈଶବ ତିରୁଟ୍ଟନୀ ଓ ତିରୁପତିରେ କଟିଥିଲା। ଖ୍ରୀଷ୍ଟିଆନ୍ ମିସନାରୀ ସ୍କୁଲରୁ ତାଙ୍କର ପାଠପଢା ଆରମ୍ଭ ହୋଇଥିଲା । ଉଚ୍ଚ ଶିକ୍ଷା ପରେ, ୧୯୦୯ରେ ରାଧାକ୍ରିଷ୍ଣନଙ୍କୁ ମାଡ୍ରାସ ପ୍ରେସିଡେନ୍ସି ମହାବିଦ୍ୟାଳୟରେ ଦର୍ଶନ ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିଲା । ଏହା ପରଠାରୁ ରାଧାକ୍ରିଷ୍ଣନ ମୁଖ୍ୟତଃ ଭାରତୀୟ ଦର୍ଶନ ଶାସ୍ତ୍ର ଏବଂ ଧର୍ମଶାସ୍ତ୍ର ଅଧ୍ୟୟନରେ ନିଜକୁ ନିୟୋଜିତ ରଖିଥିଲେ। ୧୯୧୮ରେ ରାଧାକ୍ରିଷ୍ଣନ ମୈଶୁର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ। ତାହାପରେ କଲିକତା ବିଶ୍ୱବିଦ୍ୟାଳୟ, ଲଣ୍ଡନର ହାର୍ଭାର୍ଡ୍ ବିଶ୍ୱବିଦ୍ୟାଳୟ, ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ ଓ ଶେଷରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ନିୟୋଜିତ ହୋଇଥିଲେ। ୧୯୪୯ରେ ସୋଭିଏତ ଋଷିଆକୁ ଭାରତୀୟ ରାଷ୍ଟ୍ରଦୂତ ଭାବେ ପ୍ରେରିତ ହୋଇଥିଲେ ଏବଂ ୧୯୫୪ରେ ତାଙ୍କୁ ମିଳିଥିଲା ସମ୍ମାନଜନକ ଭାରତ ରତ୍ନ । ତାଙ୍କର ଜୀବନ ଶିକ୍ଷାର ବିକାଶରେ ସମର୍ପିତ ଥିଲା। ଶିକ୍ଷା ଗ୍ରହଣ ପାଇଁ ବୟସ କେବେ ବାଧକ ସାଜି ନ ଥାଏ। ଶିଖିବାରେ ନିଷ୍ଠା ରଖୁଥିବା ବ୍ୟକ୍ତି ହିଁ ଜଣେ ଯୋଗ୍ୟ ଗୁରୁ ହୋଇଥାନ୍ତି। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ 'ନିଜକୁ ଯେ ନିରନ୍ତର ଶିକ୍ଷା ରୂପେ ଗଣେ, ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ୍ୟ ଜଣେ'। ଗୁରୁ ଓ ରାସ୍ତା ଏକାପରି। ସେମାନେ ଗୋଟିଏ ଜାଗାରେ ଥିବେ,କିନ୍ତୁ ଆଗକୁ ବଢ଼ିବାକୁ ପ୍ରୋତ୍ସାହିତ କରିବେ। ଏହା ହିଁ ତ ଗୁରୁଙ୍କ ମହାନତା। ଛାତ୍ର-ଛାତ୍ରୀଙ୍କ ଏକ ସୁନ୍ଦର ଭବିଷ୍ୟତ ନ୍ୟସ୍ତ ଥାଏ ଗୁରୁଙ୍କ ଉପରେ। କଞ୍ଚାମାଟିର ପିତୁଳାକୁ ସେ ଦେବତା ରୂପେ ଗଢ଼ିବାକୁ ନିରନ୍ତର ପ୍ରୟାସ ଜାରି ରଖିଥାଆନ୍ତି । ବିନା ଗୁରୁରେ କେହି ବି ଜ୍ଞାନୀ ପଦବାଚ୍ୟ ହୋଇପାରି ନଥାଏ। ଗୁରୁ ହିଁ ପ୍ରେରଣାର ଉତ୍ସ । ଯେତେବେଳେ ଆମେ ଜନ୍ମ ନେଉ, ସର୍ବପ୍ରଥମେ ଆମେ ନିଜ ପିତାମାତାଙ୍କଠାରୁ ଜୀବନର ପ୍ରାରମ୍ଭିକ ଶିକ୍ଷା ମିଳେ । ପିତା-ମାତା ହେଉଛନ୍ତି ପ୍ରତ୍ୟେକଙ୍କ ଜୀବନର ପ୍ରଥମ ଗୁରୁ । ଶିଶୁଟି ଧରା ଛୁଇଁବା ପରେ ତାକୁ ତା ମାଆ କୋଳେଇ ନିଏ, ତାର ଅଳି-ଅର୍ଦ୍ଦଳି ସବୁ ସହେ । କେମିତି ଚାଲିବ, କେମିତି ଖାଇବ, କେମିତି କଥା କହିବ, କେମିତି ବସିବ ପରି ଅନେକ ଶିଷ୍ଟାଚାର କଥା, ସମାଜରେ ଅନୁରୂପ ବଞ୍ଚିବାର କଳା ଶିଖେଇଥାଆନ୍ତି ପିତା-ମାତା । ବ୍ୟବହାର, ଶୈଳୀ, ଶିଷ୍ଟାଚାର, ଭଦ୍ରାମୀ କ'ଣ ତାହା ଉଭୟ ବାପା-ମାଆ ହିଁ ଶିଶୁଟିକୁ ଜଣାଇଥାଆନ୍ତି । ତେଣୁ ଉଭୟ ତାର ପ୍ରଥମ ଗୁରୁ । ଜଣେ ଶିକ୍ଷକଙ୍କୁ ଯେମିତି ସମ୍ମାନ ଦିଆଯାଏ, ଠିକ୍ ସେହିଭଳି ନିଜ ବାପା-ମାଆଙ୍କୁ ମଧ୍ୟ ସମ୍ମାନ ଦେବା ଉଚିତ୍ । ଯିଏ ନିଜ ବାପା-ମାଆଙ୍କୁ ସମ୍ମାନ ଦେଇ ଜାଣେନା, ସେ କାହାକୁ ସମ୍ମାନ କରିବା ଶିଖି ପାରେନା । କାରଣ ଉଭୟ ନଥିଲେ ଜଣେ ଶିଶୁର ଭବିଷ୍ୟତ କେବେ ବି ଉତ୍ତମ ରୂପେ ଗଢା ହୋଇପାରିବ ନାହିଁ । ପିତାମାତାଙ୍କ ପରେ ଯିଏ ଦୁନିଆ ସହ ପିଲାଟିର ପରିଚୟ କରାନ୍ତି, ସେ ହେଉଛନ୍ତି ଶିକ୍ଷା ଗୁରୁ । ଯିଏ ଆମକୁ ଶିକ୍ଷା ଦାନ କରନ୍ତି ତାଙ୍କ ସ୍ଥାନ ବି ଅପୂରଣୀୟ । ପିଲାର ସମ୍ପୂର୍ଣ୍ଣ ଭବିଷ୍ୟତ ନ୍ୟସ୍ତ ଥାଏ ଜଣେ ଶିକ୍ଷକଙ୍କ ଉପରେ । ପିଲାଟି ଯେବେ ଖଡି ଧରିବା ଆରମ୍ଭ କରିଥାଏ, ଶିକ୍ଷା ଗୁରୁର ଶିକ୍ଷକତା ସେହିଠାରୁ ହିଁ ଆରମ୍ଭ ହୋଇଥାଏ । ବିନା ଗୁରୁରେ ଛାତ୍ରର ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇଯାଇଥାଏ । ତେଣୁ ତାଙ୍କୁ କେବେ ବି ଅବମାନନା କରିବା ଉଚିତ୍ ନୁହେଁ । ଶିକ୍ଷା ହେଉଛି ପ୍ରଗତିର ମାପକାଠି । ଏହା ମାଧ୍ୟମରେ ହିଁ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଅଣାଯାଇପାରିବ । ସବୁଠୁ କଠିନ କାର୍ଯ୍ୟ ମଧ୍ୟରେ ଗୋଟିଏ ବଡ କାର୍ଯ୍ୟ ହେଉଛି ଜଣେ ଭଲ ଆଦର୍ଶ ଶିକ୍ଷକ ହେବା ।

ମୋ ଜୀବନର ପ୍ରତ୍ୟେକଟି ପାହାଚରେ ଶିକ୍ଷା ଦେଇ ଆସିଥିବା ସମସ୍ତ ଗୁରୁଙ୍କୁ ପବିତ୍ର ଗୁରୁ ଦିବସ ଉପଲକ୍ଷେ ମୋର ପ୍ରଣାମ ।



# ଗୋଟେ ସମୟ ଥିଲା

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ସମୟ କେତେ ଜିନିଷ ବଦଳେଇଦିଏ। ଗୋଟେ ସମୟରେ ଯାହା ଅତି ମୂଲ୍ୟବାନ ମନେ ହେଉଥିଲା, ଆଜି ତାହା ସାଧାରଣ ହୋଇଗଲାଣି । ପୁଣି ଗୋଟେ ସମୟରେ ଯାହା ନିହାତି ସାଧାରଣ ମନେ ହେଉଥିଲା, ଆଜି ତାହାହିଁ ମନେ ହୁଏ ମୂଲ୍ୟବାନ ।

ସତୁରୀ ଦଶକର ମଝାମଝିରେ ମୁଁ ସ୍କୁଲ ଡେଇଁ କଲେଜ ଗଲି । ଆମ ଭିତରୁ ଅଧିକାଂଶଙ୍କର ସେତେବେଳେ ହାତଘଣ୍ଟା ନଥିଲା । ପରୀକ୍ଷା ଦିନମାନଙ୍କରେ ବାପାଙ୍କ ଘଣ୍ଟା ମାଗି ପିନ୍ଧୁଥିଲୁ । ଆମର ଜଣେ ସାଙ୍ଗ ଗେଲୁ ଦିନେ ଗୋଟେ ହାତବନ୍ଧା ଘଣ୍ଟା ଆଣି ଦେଖେଇଲା। ସେମିତି ଘଣ୍ଟା ଆମେ ଆଗରୁ ଦେଖିନଥିଲୁ । ସେଥିରେ ଟିକ୍‌ଟିକ୍ କରି ଚାଲୁଥିବା ମିନିଟ କଣ୍ଟା, ସେକେଣ୍ଡ କଣ୍ଟା ନଥିଲା । ସମୟ ପୂରା ଜଳଜଳ ହୋଇ ଦିଶୁଥିଲା ଅକ୍ଷରରେ । ସୁଇଚ୍ ଚିପିଦେଲେ ପୁଣି ଲାଇଟ୍ ଜଳୁଥିଲା ସେ ଘଣ୍ଟା ଭିତରେ। ଆମେ ସେ ଘଣ୍ଟା ଦେଖି ଟେରା । ଗେଲୁ କହିଲା, ଜାଣିଛୁ ଏଥିରେ ଆଲାର୍ମବି ଅଛି ।

ଆମେ ଆହୁରି ଟେରା ।

ଗେଲୁ କହିଲା, ଏ ଘଣ୍ଟାଟା ମୋ ଭାଇ ପଠେଇଛି । ଆମେରିକାରୁ। ଗେଲୁର ଭାଇ ଆମେରିକାରେ ରହୁଥିଲେ । ସେଠି ସେ କେଉଁ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ । ଆମ ସହରର ଗର୍ବ ଓ ଗୌରବ । ଆମ ସହରରେ ତାଙ୍କ ପୂର୍ବରୁ କେହି ବିଦେଶ ଯାଇନଥିଲେ । ସେତେବେଳେ ବିଦେଶ ଯାଉଥିବା ଲୋକ ଥିଲେ ହାତଗଣତି । – ଜାଣିଛୁ ଯାର ଦାମ କେତେ? ଗେଲୁ ଆମକୁ ପଚାରିଲା ।

– କେତେ ?

– ୫୦ ଡଲାର ।

ଗୋଟେ ଡଲାର ସେତେବେଳେ ୧୫ ଟଙ୍କା। ଆମେ ଘଡ଼ି ଦାମ ଶୁଣି ଥମ୍ ମାରି ରହିଗଲୁ । ଗେଲୁ ସେ ଘଡ଼ିରେ ଆମକୁ ହାତ ମରେଇ ଦେଉ ନଥିଲା। ଆମେ ସେ ଘଡ଼ି ପାଇଁ ତାକୁ ଭାରି ଈର୍ଷା କରୁଥିଲୁ। ଆମ କଲେଜର ସବୁ ଝିଅମାନେ ସେ ଘଣ୍ଟାକୁ ଦେଖିବାକୁ, ସମ୍ଭବ ହେଲେ ଛୁଇଁ ଦେଖିବାକୁ ବ୍ୟାକୁଳ ଥିଲେ । ଘଣ୍ଟା ପାଇଁ ଗେଲୁ ଭାରି ହୀରୋ ହୋଇଗଲା ।

ଏବେ ମୋ ଛ' ବର୍ଷର ପୁଅ ସେମିତି ଘଡ଼ି ପିନ୍ଧି ଚାରିଟା ବେଳେ କ୍ରିକେଟ୍ ଖେଳିବାକୁ ଯାଏ। ଢେଙ୍କାନାଳର ଲକ୍ଷ୍ମୀପୂଜା ମେଳାରେ କୋଡ଼ିଏ ଟଙ୍କାରେ ମୁଁ ତାକୁ ସେ ଘଣ୍ଟାଟା କିଣିଦେଇଛି । ଶୁଣୁଛି ଦିଲ୍ଲୀର ସଦରବଜାରରେ କୁଆଡ଼େ ଓଜନ ଦରରେ ଏମିତି ଘଡ଼ି ମିଳୁଛି ।

ଆମ ସମୟରେ (ସେତେ ପୁରୁଣାବି ନୁହେଁ, ମୁଁ ୭୦- ୮୦ ଦଶକ କଥା କହୁଛି)ଟେଲିଫୋନ ଗୋଟେ କରିବାକୁ ଗଲେ ନାନା ଝାମେଲା । ଟ୍ରଙ୍କ୍‌କଲଟିଏ ବୁକ୍ କରିଥିବ ତ ବସିଥା। ଦି ଘଣ୍ଟା ତିନି ଘଣ୍ଟା । ଭଦ୍ରକରୁ କଟକ କଥା ହେବାକୁ ଗଲେ ଚାତକ ଭଳି ଚାହିଁ ବସିଥା । ଟେଲିଫୋନ ଯାହା ଘରେ ଥିଲା ସେ ଭାରି ବଡ଼ଲୋକରେ ଗଣା ହେଉଥିଲା। ଏବେ ଆମ ଧୋବା କହୁଛି ମୋ ଟେଲିଫୋନ ନମ୍ବରଟା ରଖନ୍ତୁ । ଘରେ ମଇଳା କପଡ଼ା ଅଧିକା ହୋଇଗଲେ ମୋତେ ଖବର ଦେଇଦେବେ । ଆସିଯିବି । ତୁଚ୍ଛାରେ କାହିଁକି ପ୍ରତି ଦି ଦିନ ଛାଡ଼ି ଆସୁଥିବି। ଆମ ଛକମୁଣ୍ଡରେ ଯେତୋଟି ଅଟୋବାଲା ବସିଥାନ୍ତି, ସେମାନେ ସମସ୍ତଙ୍କ ପକେଟ୍‌ରେ ମୋବାଇଲ୍ ।

ଗୋଟେ ସମୟ ଥିଲା ବଜାଜ ସ୍କୁଟରଟିଏ କିଣିବାକୁ ଗଲେ ପାଞ୍ଚ ବର୍ଷ ଅପେକ୍ଷା କରିବାକୁ ପଡୁଥିଲା। ଭେସ୍ ସ୍କୁଟର କିଣିବାର ଫର୍ମ ବ୍ଲାକ୍‌ରେ ବିକ୍ରି ହେଉଥିଲା। ଆଜି ଆପଣ ସ୍କୁଟର ମଟରସାଇକଲ୍ କିଣିବେ ବୋଲି କହିଲେ କମ୍ପାନୀବାଲା ଆପଣଙ୍କ ଘରେ ଆସି ଦେଇଯିବେ । ଟଙ୍କା ନଥିଲେ ଋଣ ଦେଇ, ଜ୍ୱାଇଁ ଆଦରରେ ଗାଡ଼ି ଆଣି ଘରେ ଦେଇଯିବେ ।

ଗୋଟେ ସମୟ ଥିଲା ମାଗୁର ମାଛର ଦାମ ରୋହି, ମିରିକାଳିଠୁଁ କମ୍ ଥିଲା। କୁକୁଡ଼ା ମାଂସର ଦାମ ଖାସି ମାଂସର ଡବଲ୍ ଥିଲା । ଆତ ଥିଲା ଶସ୍ତା ଆଉ ଆପେଲ୍ ମହଙ୍ଗା। ଏବେ ଅବସ୍ଥା ଠିକ୍ ଓଲଟା । ଗୋଟେ ସମୟ ଥିଲା, ଶିକ୍ଷକମାନେ କ୍ଲାସ୍‌କୁ ଆସିଲେ ଛାତ୍ରମାନେ ଠିଆ ହେଉଥିଲେ । ବାଟରେ ଶିକ୍ଷକଙ୍କୁ ଦେଖିଲେ ସିଗାରେଟ୍ ଲୁଚଉଥିଲେ । ଏବେ ସେସବୁ ଆଉ ପ୍ରାୟ ନାହିଁ। ଛାତ୍ର ଶିକ୍ଷକ ସାଙ୍ଗରେ ସିଗାରେଟ ଆଉ ଅନ୍ୟ କଣ କଣ ଖାଉଛନ୍ତି । ଗୋଟେ ସମୟ ଥିଲା ଯେତେବେଳେ ପ୍ରେମ କରିବାଟା ଭାରି ସାହସର କାମ ବୋଲି ଗଣ୍ୟ ହେଉଥିଲା । ପ୍ରେମିକ ପ୍ରେମିକା ପରସ୍ପରକୁ ଲମ୍ବା ଲମ୍ବା ଚିଠି ଲେଖୁଥିଲେ । ପ୍ରେମ ଚିଠି ଲେଖିବାଟା ଗୋଟେ କଳା ଥିଲା । ସେ ଚିଠିକୁ ପୁଣି ସେମାନେ ଡାକ ଜରିଆରେ ପରସ୍ପର ପାଖକୁ ପଠଉଥିଲେ, ପ୍ରତିଦିନ ଡାକବାଲାକୁ ଚାତକ ଭଳି ଚାହିଁ ରହୁଥିଲେ । ଏବର ଇ-ମେଲ୍, ଏସ୍‌ଏମ୍‌ଏସ୍, ଏମ୍‌ଏମ୍‌ଏସ୍‌ର ଯୁଗରେ ଏସବୁ ଗଳ୍ପ ଭଳି ଲାଗିବ। ଗୋଟେ ସମୟ ଥିଲା ଯେତେବେଳେ ବାହାଘର ଆଗରୁ ଡିଭୋର୍ସର କଥା ହେଉନଥିଲା । ଦୁର୍ନୀତି କରି ଧରାପଡ଼ିଲେ ସମାଜରେ ଭାରି ବଦ୍‌ନାମ ହେଉଥିଲା। ଗୋଟେ ସମୟ ଥିଲା, ଯେତେବେଳେ ପୃଥିବୀଟା ଆଉ ଟିକେ ବେଶୀ ସବୁଜ ଆଉ କମ କୋଳାହଳମୟ ଥିଲା । ସେ ସମୟଟା ଭଲ ଥିଲା କି ଆଜିର ସମୟଟା ଭଲ କହିପାରିବିନି । ତେବେ ଏମିତି ଗୋଟେ ସମୟ ଥିଲା ।

# ମହାମାନବ ପୈଗମ୍ବର ମହମ୍ମଦ

ଅମତୁସ ଶାଫି
କେରଙ୍ଗ-ଖୋର୍ଦ୍ଧା
ମୋ-୯୪୩୭୬୪୫୬୬୭



ମହତ କରମ କରେ ଯେ ମହାନ
ହୁଅଇ ମହୀମଣ୍ଡଳେ
ସ୍ୱର୍ଣ୍ଣାକ୍ଷରେ ଲେଖାହୁଏ ତା'ର ନା
ପୂଜାପାଏ କାଳେ କାଳେ ॥

ଈଶ୍ୱର ମଣିଷକୁ ଧରାପୃଷ୍ଠରେ ସର୍ବୋତ୍କୃଷ୍ଟ ପ୍ରାଣୀରୂପେ ଗଢିଛନ୍ତି । ମଣିଷ ଓ ପଶୁ ମଧ୍ୟରେ କେବଳ ଜ୍ଞାନର ମାତ୍ର ଫରକ ରହିଛି। ସମଗ୍ର ବିଶ୍ୱ ମହାମାନବ ଜଗତଗୁରୁ ପୈଗମ୍ବର ମହମ୍ମଦଙ୍କର ଏବେ ୧୫୦୦ତମ ଜୟନ୍ତୀ ପାଳନ କରୁଛି। ସକଳ ଧର୍ମର ପବିତ୍ର ଧର୍ମପୁସ୍ତକରେ ମହମ୍ମଦଙ୍କ ଆବିର୍ଭାବର ଭବିଷ୍ୟତବାଣୀ ଉଲ୍ଲେଖ ରହିଛି । ସେ ସମଗ୍ର ବିଶ୍ୱ ପାଇଁ ଜଗତଗୁରୁ ଏବଂ କରୁଣାର ସାଗର ହୋଇଆସିଥିଲେ । ସେ ଇସଲାମିକ କ୍ୟାଲେଣ୍ଡର ଅନୁଯାୟୀ ୧୨ ରବିଉଲ୍ ଅୱଲ, ଇଂରାଜୀ ବର୍ଷ ୨୦ ଅପ୍ରେଲ ୫୭୦ ମସିହାରେ ଆରବ ଦେଶର ମକ୍କା ସହରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପଙ୍କ ନାମ ଅବ୍ଦୁଲ୍ଲାଃ ଏବଂ ମାଁଙ୍କ ନାମ ଆମିନା ଥିଲା। ସେ ଜଣେ ସର୍ବଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେ ଏକାଧାରରେ ଜଣେ ଧର୍ମପ୍ରାଣ ମହର୍ଷି, ଧର୍ମ ପ୍ରବର୍ତ୍ତକ, ସୁଦକ୍ଷ ଶାସକ, ବିଜ୍ଞ ବିଚାରପତି, ପ୍ରବୀଣ ରାଜନୀତିଜ୍ଞ, ଦକ୍ଷ ସେନାପତି ଏବଂ ଜଣେ ମହାନ ସମାଜ ସଂସ୍କାରକ।

ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ, ଲେଖକ ତଥା ଶ୍ୱେତ ଜାତୀୟତାବାଦୀ ମାଇକେଲ ଏଚ. ହାର୍ଟ ତାଙ୍କ ବିଶ୍ୱ ପ୍ରସିଦ୍ଧ ପୁସ୍ତକ "ଦି ୧୦୦-ଏ ର୍ୟାଙ୍କିଙ୍ଗ ଅଫ୍ ଦି ମୋଷ୍ଟ ଇନଫ୍ଲୁଏନ୍ସିଆଲ୍ ପର୍ସନ ଇନ୍ ହିଷ୍ଟ୍ରି"ରେ ସେ ଇତିହାସରେ ସବୁଠାରୁ ପ୍ରଭାବଶାଳୀ୧୦୦ ବ୍ୟକ୍ତି ବିଶେଷଙ୍କ ତାଲିକାରେ ମହାମାନବ ଜଗତଗୁରୁ ପୈଗମ୍ବର ମହମ୍ମଦଙ୍କୁ ସର୍ବଶ୍ରେଷ୍ଠ ବ୍ୟକ୍ତି ଭାବେ ଦର୍ଶାଇଛନ୍ତି। ମାଇକେଲ ଏଚ. ହାର୍ଟଙ୍କ ମତରେ ମହମ୍ମଦଙ୍କ ନେତୃତ୍ୱ ଆଧ୍ୟାତ୍ମିକ ଏବଂ ଅଲୌକିକକୁ ମିଶ୍ରଣ କରିଥିଲା । ଯାହା ତାଲିକାଭୁକ୍ତ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଏକ ଅନନ୍ୟ ମିଶ୍ରଣ ଥିଲା। ଏବଂ ଏହା ତାଙ୍କୁ ସର୍ବୋଚ୍ଚ ସଫଳତା ପ୍ରଦାନ କରିଥିଲା।

ଭାରତୀୟ ବିଦ୍ୱାନ ପ୍ରଫେସର କେ.ଏସ୍.ରାମକ୍ରିଷ୍ଣ ରାଓଙ୍କ ମତରେ "ମହମ୍ମଦଙ୍କ ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ସତ୍ୟତାକୁ ଜାଣିପାରିବା ଅତ୍ୟନ୍ତ କଷ୍ଟକର । ମୁଁ କେବଳ ତାର ଗୋଟିଏ ଝଲକ ପାଇପାରୁଛି । ମହମ୍ମଦ ହେଉଛନ୍ତି ଧର୍ମପ୍ରବର୍ତ୍ତକ, ମହମ୍ମଦ ହେଉଛନ୍ତି ବୀରପୁରୁଷ, ମହମ୍ମଦ ବ୍ୟବସାୟୀ, ମହମ୍ମଦ ରାଜନୀତିଜ୍ଞ, ମହମ୍ମଦ ହିଁ ବକ୍ତା, ମହମ୍ମଦ କ୍ରୀତଦାସଙ୍କର ସଂରକ୍ଷକ, ମହମ୍ମଦ ନାରୀଜାତିର ମୁକ୍ତିଦାତା, ମହମ୍ମଦ ନ୍ୟାୟାଧୀଶ, ମହମ୍ମଦ ହିଁ ସନ୍ଥ।"

ରାଷ୍ଟ୍ର ପିତା ମହାତ୍ମା ଗାନ୍ଧୀ କୁହନ୍ତି; "ମୁଁ ସେହି ବ୍ୟକ୍ତିଙ୍କ ଜୀବନଚରିତ୍ର ଜାଣିବା ପାଇଁ ଉତ୍ସୁକ ହେଲି ଯିଏ ଆଜି କୋଟି କୋଟି ଲୋକଙ୍କ ହୃଦୟରେ ନିଜର ଅଖଣ୍ଡ ପ୍ରଭାବ ବିସ୍ତାର କରିଛନ୍ତି...ପୂର୍ବାପେକ୍ଷା ମୋର ଅଧିକ ହୃଦ୍‌ବୋଧ ହେଲା ଯେ ଏହା ତରବାରୀ ନଥିଲା ଯାହା ତତ୍କାଳୀନ ଜୀବନଧାରାରେ ଇସଲାମ ପାଇଁ ସ୍ଥାନ ନିରୂପଣ କରିଥିଲା । ଏହା ଥିଲା ଈଶ୍ୱରଦୂତଙ୍କର ସରଳତା, ନିଜ ପ୍ରତି ନଗଣ୍ୟ ଭାବ, ବଚନ ପ୍ରତି ନିଷ୍ଠାପରତା, ମିତ୍ର ଓ ଅନୁଗତମାନଙ୍କ ପ୍ରତି ଗଭୀର ଅନୁରାଗ, ତାଙ୍କ ସାହସ ଓ ନିର୍ଭୀକତା ଏବଂ ଈଶ୍ୱରଙ୍କ ପ୍ରତି ଓ ନିଜ ମିଶନ ପ୍ରତି ତାଙ୍କର ପୂର୍ଣ୍ଣ ବିଶ୍ୱାସ।" ଭାରତର କୋକିଳ କଣ୍ଠୀ, କବିୟିତ୍ରୀ, ନାରୀନେତ୍ରୀ, ବାଗ୍ମୀ ତଥା ଦେଶର ପ୍ରଥମ ମହିଳା ରାଜ୍ୟପାଳ ସରୋଜିନୀ ନାଇଡୁ ଇସଲାମ ବିଷୟରେ ତଥା ମହମ୍ମଦଙ୍କ ପ୍ରଭାବଶାଳୀ ଆଦର୍ଶ ବିଷୟରେ କୁହନ୍ତି; "ଏହା ପ୍ରଥମ ଧର୍ମ ଥିଲା ଯାହା ଗଣତନ୍ତ୍ରର ପ୍ରଚାର ଏବଂ ଅଭ୍ୟାସ କରିଥିଲା। କାରଣ ମସଜିଦରେ ଯେତେବେଳେ ପ୍ରାର୍ଥନା କରାଯାଇଥାଏ। ଏବଂ ଉପାସକମାନେ ଏକାଠି ହୁଅନ୍ତି, ସେତେବେଳେ ଦିନକୁ ପାଞ୍ଚ ବେଳା ପ୍ରଜା ଓ ରାଜା ଆଣ୍ଠୁମାଡ଼ି ଉଚ୍ଚସ୍ୱରରେ ଏକେଶ୍ୱରବାଦର ମହାନତା ଗାନ କରନ୍ତି । ମୁଁ ବାରମ୍ବାର ଇସଲାମର ଏହି ଅବିଭାଜ୍ୟ ଏକତା ଦ୍ୱାରା ଆନ୍ଦୋଳିତ ହୋଇଛି। ଯାହା ମଣିଷକୁ ସହଜାତ ଭାବରେ ଭାଇଭାଇ କରିଥାଏ।" ଭାରତୀୟ ଐତିହାସିକ ଏମ.ଏନ.ରାୟ କୁହନ୍ତି; ପ୍ରତ୍ୟେକ ଈଶ୍ୱରଦୂତ ନିଜର ଯଥାର୍ଥ ଦାବୀକୁ ସିଦ୍ଧ କରିବା ପାଇଁ ଚମତ୍କାରିତା ପ୍ରଦର୍ଶନ କରନ୍ତି । ସେ ଦୃଷ୍ଟିରୁ ମହମ୍ମଦ ଯେତେଦୂର ସମ୍ଭବ ତାଙ୍କ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଈଶ୍ୱରଦୂତମାନଙ୍କ ମଧ୍ୟରେ ସବୁଠାରୁ ମହାନ ରୂପେ ମାନ୍ୟତା ପାଇବା ଉଚିତ୍ । ଇସଲାମର ପ୍ରସାର ହିଁ ସବୁ ଚମତ୍କାରଗୁଡ଼ିକ ଅପେକ୍ଷା ବଡ଼ ଚମତ୍କାର । ବିଦେଶୀ ଐତିହାସିକ ସର୍ ଉଇଲିୟମ ମୁର କୁହନ୍ତି; ତାଙ୍କର ସମସ୍ତ ଆଚରଣଗୁଡ଼ିକ ଯଥାର୍ଥ ଓ ନ୍ୟାୟସଙ୍ଗତ ଥିଲା ଏବଂ ବୟସ ବଢିବା ସହିତ ତାଙ୍କର ସମ୍ମାନିତ ବ୍ୟକ୍ତିତ୍ୱ ତାଙ୍କ ପାଇଁ 'ଅଲ୍-ଅମିନ୍' ଅର୍ଥାତ୍ 'ବିଶ୍ୱସନୀୟ'ଉପାଧି ଅର୍ଜନ କରିଥିଲେ । ବିଦେଶୀ ସମାଜବାଦୀ, ଥିଓସୋଫିଷ୍ଟ, ମହିଳା ଅଧିକାର ଓ ଗୃହ ନିୟମ କର୍ମୀ, ଶିକ୍ଷାବିତ ତଥା ଭାରତୀୟ ଜାତୀୟତାବାଦର ପ୍ରଚାରକ ଆନି ବେସାନ୍ତ ମହମ୍ମଦଙ୍କ ବିଷୟରେ କୁହନ୍ତି; "ଯିଏ ସେହି ମହାନ ଆରବୀୟ ଈଶ୍ୱରଦୂତଙ୍କ ଜୀବନୀ ଓ ଚରିତ୍ରର ଅଧ୍ୟୟନ କରିଛି, ଯିଏ ଏହା ଜାଣିଛି ଯେ ସେ କିଭଳି ଶିକ୍ଷା ଦେଇଛନ୍ତି ଏବଂ କିଭଳି ଜୀବନଯାପନ କରିଛନ୍ତି ତା' ମନରେ ସେହି ସର୍ବଶକ୍ତିମାନ ସର୍ବୋଚ୍ଚ କର୍ତ୍ତାଙ୍କର ଜଣେ ମହାନ ଈଶ୍ୱରଦୂତଙ୍କ ପ୍ରତି ଭକ୍ତିଭାବ ବ୍ୟତୀତ ଅନ୍ୟ କୌଣସି ଭାବନା ସୃଷ୍ଟି ହେବା ଅସମ୍ଭବ ।" ଆସନ୍ତୁ ସଭିଏ ମିଳିମିଶି ସେଇ ମହାମାନବ ପୈଗମ୍ବର ମହମ୍ମଦଙ୍କ ପବିତ୍ର ଆଦର୍ଶରେ ଅନୁପ୍ରାଣିତ ହୋଇ ମାନବକୁ ତାର ଉଚିତ ଅଧିକାର ଦେବା। ଅଖଣ୍ଡ ଭାରତର ମହାନତାକୁ ବଜାୟ ରଖିବା। ବିଶ୍ୱଶାନ୍ତି ଓ ବିଶ୍ୱଭାଇଚାରା ପ୍ରତିଷ୍ଠା କରିବାରେ ମିଳିତ ପ୍ରୟାସ କରିବା। ଏହା ହିଁ ଆମର କାମନା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଜୀବନ ଜିଜ୍ଞାସା

ସୁଦର୍ଶନ ମହାପାତ୍ର

ବଡ଼ ବିଚିତ୍ର ଏ ଜୀବନ। କେତେ ଅନୁଭୂତି, କେତେ ଘଟଣା ! କେତେ ସ୍ୱପ୍ନ ପୁଣି କେତେ ହତାଶା। କେତେବେଳେ ସ୍ୱପ୍ନ ଭାଙ୍ଗିଯାଏ ତ , କେତେବେଳେ ସ୍ୱପ୍ନ ବାସ୍ତବତାର ଦୋଳିରେ ବସି ଗୁମୁରୁଥାଏ। ତାରି ଭିତରେ ଅପରାହ୍ନର ଛାଇ ଆବୋରି ବସେ ଜୀବନକୁ। ଆଉ ଗଛରୁ ପାଚିଲା ଫଳ ଚିପକି ପଡିଲା ଭଳି ଜୀବନ ବି କଞ୍ଚା ହେଉ କି ପାଚିଲା, କଢି ହେଉ କି ଫୁଲ ଗଳିପଡେ।

ସମସ୍ତେ ବୁଝାଇଲେ ଏ ସମୟରେ ମନଦୁଃଖ କରିବା ଯେମିତି ନିହାତି ଅଯୌକ୍ତିକ ! ବୋଉ ତା'ର ବହୁତ ଦେଖିଲା, ବହୁତ ପାଇଲା, ଆଉ ବହୁତ ଭୋଗିଲା ବି। ଚାଲିଗଲା ମାନେ କଷ୍ଟରୁ ମୁକ୍ତି। ତା ସହିତ ଅନ୍ୟମାନେ ମଧ୍ୟ ଘାଣ୍ଟି ହେଉଥିଲେ। ପ୍ରକାଶ ସବୁକଥା ଶୁଣୁଥିଲା, ବୁଝୁଥିଲା, ପୁଣି ପରକ୍ଷଣରେ ସବୁ ଭୁଲି ଯାଉଥିଲା ଆଉ ଅବୁଝା ହୋଇ ବୋଉର ଅବର୍ତ୍ତମାନର ସମୟକୁ ଗ୍ରହଣ କରିପାରୁନଥିଲା।

ବୋଉର କୋକେଇ ସଜ ହେଉଛି। ଆଉ ଟିକିଏ ପରେ ଶବ ବନ୍ଧାଯାଇ 'ରାମ ନାମ ସତ୍ୟ ହେ...ହରି ନାମ ସତ୍ୟ ହେ...' ସ୍ୱରରେ ମୁଖରିତ ହେବ ଶ୍ମଶାନ ପଥର ଯାତ୍ରା। ବୋଉ ବିଦାୟ ନେବ ଏ ଘରୁ ସବୁଦିନ ପାଇଁ। ଖାଲି ଯାହା ପଡି ରହିବ ଏ ଘରେ ବୋଉର ନିଃଶବ୍ଦ ପଦପାତ, ତା'ର ଘର କରଣା, ତା'ର ସବୁ ସ୍ୱପ୍ନ, ତା'ର ଆଶା ଅଭିଳାଷା...!!

ବୋଉକୁ କ୍ୟାନ୍ସର ଭଳି ଏକ ରୋଗ ଆକ୍ରାନ୍ତ କରିବ, ଆଉ ରୋଗ ବିଷୟରେ ଜାଣିଲା ବେଳକୁ ସେ ତା'ର କାୟା ମେଲାଇ ଅକ୍ଟୋପସ ଭଳି ମଣିଷଟାର ଆୟୁଷକୁ ନିଜ ଆୟତ୍ତରେ ନେଇ ସାରିଥିବ କେବେ କଳ୍ପନା କରିନଥିଲା ପ୍ରକାଶ କିମ୍ବା ଆଉ କେହି । ମୁଣ୍ଡରେ ଚାରି ପାଞ୍ଚଟି ଟ୍ୟୁମର କ୍ୟାନ୍ସର ରୂପ ନେଇ ସାରିଥିଲା ଲକ୍ଷଣ ସବୁ ଠିକ ଭାବରେ ବୁଝିଲା ବେଳକୁ।

ଏଇ ତ କେତେ ମାସ ଆଗରୁ ବାପାଙ୍କୁ ଦିଲ୍ଲୀ ଏମ୍ସ କୁ ନେଇ ଯାଇଥିଲା ସେ।ବାପାଙ୍କ ମଳରେ ଆଉ ବାନ୍ତିରେ ରକ୍ତ ପଡିବାର କାରଣ ଯେ ପାକସ୍ଥଳୀର ଘା ଚିହ୍ନଟ ହେଲାପରେ ତାଙ୍କୁ ଦିଲ୍ଲୀ ଏମ୍ସରେ ଅପରେସନ କରାଇବାକୁ ପଡ଼ିଥିଲା।ପ୍ରାୟ ପଞ୍ଚସ୍ତରୀ ଭାଗ ପାକସ୍ଥଳୀ କଟାଯାଇଥିଲା ସେଇ ଅପରେସନରେ। ଭାଗ୍ୟ ବଶତଃ ବାପା ସୁସ୍ଥ ହୋଇ ଆସିଲା ବେଳକୁ ବୋଉର ଏ ଅବସ୍ଥା।

ସତରେ କେଡ଼େ ଯନ୍ତ୍ରଣାମୟ ଏ ଜୀବନ ! ଜରାବସ୍ଥା, ଦୁସ୍ଥ, ରୋଗଗ୍ରସ୍ତ ମଣିଷଙ୍କୁ ଦେଖୁ ଦେଖୁ ଯେଉଁଦିନ ରାଜକୁମାର ସିଦ୍ଧାର୍ଥ ମୃତ୍ୟୁ ବିଷୟରେ ଜ୍ଞାତ ହେଲେ ସେତେବେଳେ ସ୍ତ୍ରୀ ଏବଂ ଶିଶୁପୁତ୍ରଙ୍କୁ ଛାଡି ନିର୍ବାଣ ପଥଗାମୀ ହେଲେ। ସଂସାର ତ୍ୟାଗୀ ହେଲେ ଏବଂ କ୍ରମେ ବୁଦ୍ଧତ୍ୱ ପ୍ରାପ୍ତି ହୋଇ ଗୌତମ ବୁଦ୍ଧ ରୂପେ ପରିଚିତ ହେଲେ।

ବିଭିନ୍ନ କଥା ଭାବି ମନେ ମନେ ବ୍ୟତିବ୍ୟସ୍ତ ହୋଇପଡୁଥିଲା ପ୍ରକାଶ।

ଦେଖୁ ଦେଖୁ ବୋଉର କ୍ରିୟା କର୍ମ ସରିଯାଇଥିଲା। ବନ୍ଧୁ ବାନ୍ଧବ ଫେରି ଯାଇଥିଲେ। ଜଣକ ଅବର୍ତ୍ତମାନରେ ଏତେ ଖାଲି ଖାଲି ଲାଗେ ଘର, ଜୀବନ..!

ହଠାତ୍ ସୁଧୀର ମଉସାଙ୍କ ଦେହ ଖରାପ ଆଉ ତାକୁ ଖୋଜୁଥିଲେ ବୋଲି ବାପାଙ୍କ ଠାରୁ ଶୁଣି ପ୍ରକାଶ ଯାଇ ପହଞ୍ଚିଲା ତାଙ୍କ ଘରେ। ଛାତକୁ ବିକଳ ଦୃଷ୍ଟିରେ ଯେମିତି ଚାହିଁ ରହିଥିଲେ ମଉସା। ଏଇ ବିରାଟ ଶୂନ୍ୟତା ଯେମିତି ତାଙ୍କୁ ଘେରି ରହିଥିଲା। ସହର ଉପକଣ୍ଠରେ ତୋଳିଥିବା ସୁଦୃଶ୍ୟ ଘର, ତା'ର ଭବ୍ୟ ପରିପାଟୀ, ସୁନ୍ଦର ବଗିଚା ଇତ୍ୟାଦି ସେଇ ଶୂନ୍ୟତା ଭିତରେ ସତେ ଉବୁଟୁବୁ ହେଉଥିଲେ । ମଉସାଙ୍କ ଯତ୍ନ ନେବାପାଇଁ ଗୋଟିଏ ଅଭାବୀ ଦମ୍ପତି ଆଉଟ୍ ହାଉସରେ ରହୁଥିଲେ। ସେଇ ଦମ୍ପତି ଥିଲେ ମଉସାଙ୍କ ଶେଷ ଜୀବନର ସାହାରା। ଏସବୁ ଜ୍ଞାତ ହେଲାପରେ ମଉସାଙ୍କୁ ଆଉ ତାଙ୍କ ପୁଅ ବିଷୟରେ ନପଚାରିବା ଉଚିତ୍ ମନେକଲା ପ୍ରକାଶ।

ପିଲାଦିନର ବନ୍ଧୁ ହିସାବରେ କାଳେ କଥା ରଖି ଘରକୁ ପୁଅ ଫେରିବ, ସେଇ ଆଶାରେ ତାକୁ ଡ଼କାଇଥିଲେ ବୋଲି କହିବା ଭିତରେ ସୁଧୀର ମଉସାଙ୍କ ଆଖିରେ ଲୁହ ଟଳମଳ କରୁଥିବାର ଦେଖିଲା ପ୍ରକାଶ।

ହେଲେ ଚେଷ୍ଟା କରିବି ଅସଫଳ ହେଲା ପ୍ରକାଶ ଏବଂ ପୁଅ ଏବେ ଫେରି ପାରିବନି ଶୁଣି ମଉସା ଆହୁରି ଦୁଃଖରେ ମ୍ରିୟମାଣ ହୋଇପଡିଲେ ବୋଲି ଅନୁଭବ କଲା ସେ। ସେଇଠୁ ଫେରିଲା ପରେ ପ୍ରକାଶର ମନ ଭାଙ୍ଗି ଯାଇଥିଲା। କାହିଁକି ମଣିଷ ସଂସାର କରେ! କେତେ ଦିନର ଏ ଜୀବନ ! ପୁଅ ଝିଅ, ଘରଦ୍ୱାର, ଟଙ୍କା ପଇସା ସବୁ ଥାଇ ବି କିଛି ନଥିଲା ଭଳି। ଶାନ୍ତି କାହିଁ ?

ବୋଉ ଯିବାର ବର୍ଷଟିଏ ପୁରିଲା ବେଳକୁ ପୁଣି ସେଇ ପୁରୁଣା କଥା ଉଠିଲା। ସେଇ ବାହାଘର କଥା। ପ୍ରକାଶ ବାହାହେବ ନାହିଁ ବୋଲି ନିଜର ନିଷ୍ପତ୍ତି ଶୁଣାଇ ଦେଲା ପୁଣି ଥରେ। ବାପା, ଭଉଣୀ, ମାମୁ ମାଇଁ ସମସ୍ତେ ବୁଝାଇବା ପରେ ବି ନିଜ ଜିଦରେ ଅଟକ ରହିଲା ପ୍ରକାଶ।

ଶେଷରେ ବାପାଙ୍କର ଘନିଷ୍ଠ ବନ୍ଧୁ ଚକ୍ରଧର ମଉସା ଶେଷ ଅସ୍ତ୍ର ପ୍ରୟୋଗ କଲେ ବାର୍ଦ୍ଧକ୍ୟର କଥା କହି। ଦେହ ପା, ନିଃସଙ୍ଗତା ସହିତ ମାନସିକ ଚାପ ଇତ୍ୟାଦିରେ ବାର୍ଦ୍ଧକ୍ୟ କାଳ ଖୁବ୍ କଷ୍ଟରେ କଟେ ବୋଲି ବୁଝାଇବାକୁ ଚେଷ୍ଟା କଲେ।

ସେଇଠୁ ପ୍ରକାଶ ନିଜକୁ ପ୍ରତିପାଦିତ କଲା ଚାକ୍ଷୁଷ ଘଟଣା ମାଧ୍ୟମରେ।

-' ପିଲାମାନେ ଯଦି ବୃଦ୍ଧ କାଳରେ ନିଃସଙ୍ଗତାକୁ ପୋଛି ଦେବାପାଇଁ ଅଭିପ୍ରେତ ତାହେଲେ ସୁଧୀର ମଉସା ଆଜି ନିଃସଙ୍ଗ କାହିଁକି ? କାହିଁକି ତାଙ୍କର ପୁଅ ଆଜି ତାଙ୍କ ପାଖରେ ନାହିଁ ? ନିଜ ସଂସାରକୁ ନେଇ ଅସ୍ତବ୍ୟସ୍ତ ବୋଲି ନିର୍ଲଜଙ୍କ ଭଳି ସଫେଇ ଦେଉଛି କେମିତି ?'

-'ଯଦି ପିଲାମାନେ ବାପା ମାଆଙ୍କ ସେବା ଶୁଶ୍ରୁଷା କରିବାକୁ ପ୍ରାଧାନ୍ୟ ଦେବେ ବୋଲି ଭାବୁଛନ୍ତି ତେବେ କାହିଁକି ମାନି ଅପା ବୋଉର ଦୀର୍ଘ ଦିନର ଅସୁସ୍ଥତା ଭିତରେ ଆସି କିଛି ଦିନ ପାଇଁ ବି ଆସି ସେବା କରିପାରିଲା ନାହିଁ ? କାହିଁକି ତା ପରିବାରରେ ତା ପାଇଁ ଟଣାଯାଇଥିବା ତିନି ଗାର ଟପି ପାରିଲା ନାହିଁ। ବୋଉ ଯିବା ପରେ କେବଳ ରୀତିନୀତି ମାନିବାକୁ ଆସି ପହଞ୍ଚିଲା। ଗୋଟିଏ ଦିନ ବି ଅଧିକା ରହି ଗଲାନି ବାପାଙ୍କ ଭଲମନ୍ଦ ପଚାରି ବୁଝିବାକୁ।'

ଶେଷରେ ଚକ୍ରଧର ମଉସାଙ୍କୁ ପ୍ରକାଶ କହିଲା -' ତୁମଠାରୁ ଦୂରରେ ରହୁଛି ନା ସ୍ୱାଗତ। ବର୍ଷଟିଏ ଭିତରେ କେବେ ତୁମ ପାଖରେ ସମୟ ବିତାଇଛି କି ? ଦେଖୁଛି କି ଆସି ବାପା କେମିତି ବଞ୍ଚିଛନ୍ତି। ନିଃସଙ୍ଗତା କେମିତି ଆବୋରି ବସିଛି ତାଙ୍କୁ। ଖାଲି ସେଇଥିପାଇଁ ତୁମେ ପ୍ରତିଦିନ ଯାଇ ସେଇ ବଳିଆ ଚା' ଦୋକାନ ପାଖରେ ବସୁଛ। ଏଇଥିପାଇଁ ନା କାଳେ କିଏ ଚିହ୍ନା ପରିଚିତି ଦେଖା ହୋଇଯିବେ ଟିକିଏ ସମୟ ବାଣ୍ଟିବା ପାଇଁ !

ସେଇଥିପାଇଁ ତ ବୃଦ୍ଧାଶ୍ରମର ସଂଖ୍ୟା ଦିନକୁ ଦିନ ବଢୁଛି। ଖବର କାଗଜ ପୃଷ୍ଠା ଓଲଟାଇଲେ ଆଖିରେ ପଡୁଛି ପରିବାର ଭିତରେ ବାପା ମାଆଙ୍କ ପ୍ରତି ଅତ୍ୟାଚାରର କଥା।'

ପ୍ରକାଶର କଥା ସରିଲା ବେଳକୁ ଚକ୍ରଧର ମଉସାଙ୍କ ଆଖି ଲୁହେଇ ଯାଇଥିଲା। ଯେମିତି ଜବରଦସ୍ତ ଅଟକେଇ ରଖିବାକୁ ଚେଷ୍ଟା କରୁଥିଲେ।

ପ୍ରକାଶର ଅକାଟ୍ୟ ଯୁକ୍ତି ପାଖରେ ହାର ମାନିଗଲେ ସମସ୍ତେ। ତଥାପି ବାପା ଆଉଥରେ ବୁଝାଇଲେ।

-' ସାରା ଦୁନିଆ ମୋତେ ପଚାରିବେ ପୁଅର ବାହାଘର କଥା। ଏଇଟା ସଂସାରର ଧର୍ମ। ପିଢ଼ି ପରେ ପିଢ଼ି ଏମିତି ଆଗେଇ ଚାଲିଛି ବଂଶବୃକ୍ଷ। ପ୍ରତି ଉତ୍ସବ ଅବସରରେ ତୋତେ ଆଉ ମୋତେ ପଚାରି ବ୍ୟତିବ୍ୟସ୍ତ କରିପକାଇବେ ଏଇ କଥା ପଚାରି। କେମିତି ଚଳିବା ଏ ଦୁନିଆରେ ? ମୁଁ ଗଲାପରେ ତୁ ଏକୁଟିଆ ହୋଇଯିବୁ । ନିଃସଙ୍ଗ ଜୀବନ ଜୀଇଁବା ଭାରି କଷ୍ଟକର।'

-' ବାପା, ଭିଡ ଭିତରେ ବି ନିଃସଙ୍ଗତା ଆବୋରି ବସେ ବେଳେ ବେଳେ। ଗୋଟିଏ ଘରେ ରହି ବି ନିସଙ୍ଗତା ଘାରେ ଉତ୍ତର ଜୀବନରେ, ସେଇ ବୃଦ୍ଧାବସ୍ଥାରେ..! ବିବାହ କରିବି କ'ଣ ନିଃସଙ୍ଗତା ନାହିଁ ? ଦୁନିଆରେ ବହୁତ ଲୋକ ବହୁତ କିଛି କହି ଜାଣନ୍ତି। ହେଲେ ଠିକ୍ ଦରକାର ବେଳକୁ ଦୂରେଇ ଯାଆନ୍ତି। ଏସବୁ କଥା ତୁମେ ଭଲ ଭାବରେ ଜାଣିଛ।'

ସାମୟିକ ଭାବରେ ଉପୁଜିଥିବା କିଛି ସଂଶୟ, କିଛି ଦୁଃଖ, କିଛି ଅବସାଦର ଅବସାନ ପାଇଁ ବାପାଙ୍କୁ ନେଇ ହରିଦ୍ୱାର, ବାରଣାସୀ, ଋଷିକେଶ ଆଦି ପବିତ୍ର ସ୍ଥାନର ପରିଭ୍ରମଣରେ ବାହାରିଲା ପ୍ରକାଶ।

ଯାତ୍ରା ସମୟ ଭିତରେ ଥରେ ବାପା ପୁଣି କହିଲେ -' ସବୁ ପୁଅ ଖରାପ ନୁହଁନ୍ତି ଦୁନିଆରେ। ତୁ ତ ପୁଣି ତୋ ମାଆର ସେବା ଯତ୍ନ କରୁଥିଲୁ। ମୋତେ ଏବେ ସମୟ ଦେବାକୁ ଚେଷ୍ଟା କରୁଛୁ। ମୋ ମନର ଶାନ୍ତି ପାଇଁ ଏ ପରିଭ୍ରମଣରେ ନେଉଛୁ। ତେବେ ତୋ ପାଇଁ ବି କେହି ସମୟ ଦେବାକୁ କୁଣ୍ଠାବୋଧ କରିବେ ନାହିଁ ବୋଲି ମୋ ମନ କହୁଛି। ବାହା ନହେବୁ ନାହିଁ। ମୋ ପାଇଁ ଅନାଥାଶ୍ରମରୁ ନାତି ଟିଏ ବାଛି ଆଣିବୁ ଯଦି ସେତିକିରେ ମୁଁ ଖୁସିରେ ରହିବି। କ'ଣ କହୁଚୁ..?' ପ୍ରକାଶ ମୁହଁରେ ହସର ତଡିତ ଦେଖି ପୁଅର ଏ ପ୍ରସଙ୍ଗରେ ସମ୍ମତି ଅଛି ବୋଲି ଭାବି ବାପା ଖୁସିରେ ଉଛୁଳି ପଡିଲେ...!!!



କୁଞ୍ଜବିହାରୀ ଲେନ, କଟକ
ମୋ-୯୪୩୮୧୭୫୫୪୨

# କର୍ତ୍ତବ୍ୟ..

ମୂଳ ହିନ୍ଦୀ-ରାଣୀ ପ୍ରିୟଂକା ବଲ୍ଲରୀ
ଅନୁବାଦ-ମନୋଜ କୁମାର ବେହେରା

ମା' ଆଜି ତୁମ ସହିତ କିଛି ଜରୁରୀ କଥା ହେବାର ଅଛି । ମା' ଆଜିକାଲି ତୁମେ କେଉଁଠି ରହୁଛ ? ଯେତେବେଳେ ଫୋନ୍ କରୁଛି ତୁମେ ସବୁବେଳେ ଅଦୃଶ୍ୟ ହୋଇ ରହୁଛ । ଘରେ କ'ଣ ଭାଇ ମାନେ ତୁମକୁ ଚାକରାଣୀ କରିଦେଇ ନାହାନ୍ତି ତ? ନା'ରେ ପୁଅ..ମୋର ପୁଅ ବୋହୂ ଏମିତି କେବେବି କରିବେନି । ପୁଅକୁ ଛାଡ..ବୋହୂତ ଆମର ହୀରା ଖଣ୍ଡିଏ, କେବବି ଚାହାଟିକେ ବନେଇବାକୁ ମୋତେ ଦେଉନି । ତୁ ପୁଅ କହ ତୁ କେମିତି ଅଛି ! ବୋହୂ ଆଉ ଛୁଆମାନେ କେମିତି ଅଛନ୍ତି ? ହଁ..ସବୁ ଠିକ୍ ଅଛି । ଆରେ ମା' ! ତୁ ଆମକୁ କ'ଣ ବଞ୍ଚିବାକୁ ଦେବୁନି ? ଆରେ ! ମୁଁ ଏମିତି କ'ଣ କରିଦେଲି ଯେ ତୁ ମୋତେ ଏଭଳି କଥା କହୁଛୁ । ମୁଁ ତ ସବୁବେଳେ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୋତେ ମୋର ଆୟୁଷ ଦିଅନ୍ତୁ । ନା'..ମା'..ଏମିତି କାହିଁକି ଭାବୁଛୁ । ତୁ ଯଦି ଏମିତି ଭାବିଥାନ୍ତୁ ତା'ହେଲେ ଆମକୁ ଆଜି ଭଡା ଘରେ ରହିବାକୁ ପଡି ନଥାନ୍ତା । ତୁ ଏବେ କହୁନୁ । ବାପା ଯେଉଁ ଜାଗା ସହରରେ କିଣିଥିଲେ ତା' ଉପରେ ଘର ତିଆରି କରିବା ପାଇଁ ମୋତେ ଅନୁମତି ଦେ । ତୁ କହୁନୁ ମା' ଏବ କାହିଁକି ତୁ ଚୁପ୍ ଅଛୁ । ମୁଁ ଚୁପ୍‌ରେ ନାହିଁ ପୁଅ । ତୋ ବାପା ସେ ଜାଗା ଯେଉଁଥି ପାଇଁ କିଣିଥିଲେ ତାହା ତ ଆଜି ଗୋଟିଏ ସ୍ୱପ୍ନରେ ରହି ଯାଇଛି। ମୁଁ ତ ଚାହୁଁଛି ତୁମେ ମାନେ ସେଠାରେ ଘର କର କିନ୍ତୁ ସବୁ ଭାଇଙ୍କର ବିନା ବିଚାରରେ ମୁଁ ତତେ କେମିତି କହିଦେବି । ଠିକ୍ ଅଛି ମା' ! ତୁମେ ମୋ ପାଖକୁ ପଳେଇ ଆସୁନା। ଠିକ୍ ଅଛି ସୁବିଧା ଦେଖିକିର ଯିବି । କିଛିଦିନ ଠିକ୍ ଚାଲିଥିଲା । ମା' ମୋତେ କାମକୁ ଯିବା ପାଇଁ ସବୁବେଳେ ଡେରି ହେଇଯାଉଛି । ଆପଣ ସକାଳେ ଜଳଖିଆ ତିଆରି କଲା ବେଳେ ମୋତେ ଟିକିଏ ସାହାଯ୍ୟ କରୁନାହାନ୍ତି କାହିଁକି, ବୋହୂ କହିଲା । ଠିକ୍ ଅଛି ବୋହୂ । ଆରେ ନିଶା ! ଆଜି ମୋର ମୁଣ୍ଡ ବହୁତ ବିନ୍ଧୁଛି, ଆସିଲୁ ମା' ଟିକିଏ ମୋ ମୁଣ୍ଡକୁ ଚିପିଦେବୁ । ବୁଢୀଟା ଦୂରରେ ଥିଲା ଭଲ ଥିଲା, ମୋତେ ଟିକିଏ ସାହାଯ୍ୟ କରିବା ପାଇଁ କ'ଣ କହିଦେଲି, ବୁଢୀ ମୋ ମୁଣ୍ଡକୁ ଖାଇଲାଣି । ଆରେ ଶୁଣୁଛ ! ତୁମେ ଯାଇ କହିଦିଅ କି ମୁଁ ଏହି କାମ କରି ପାରିବି ନାହିଁ । ଟିକିଏ ପଇସା ଖର୍ଚ୍ଚ କଲେ ଗୋଟିଏ ଚାକରାଣୀ ଆଣି ଘରେ ରଖିବା ସବୁଦିନ ଏହି ପାଟିତୁଣ୍ଡରୁ ମୁକ୍ତି ମିଳିବା ନିଶା ରାଗରେ ଶେଖରକୁ କହୁଥିଲା । ଶେଖର ବୁଝେଇ କରି ନିଜ ସ୍ତ୍ରୀ ନିଶାକୁ କହିଲା, ନିଶା ତୁମେ ମା'ର ତୁଳନା ଗୋଟିଏ ଚାକରାଣୀ ସହିତ କରୁଛ । ତୁମକୁ ଜଣା ଅଛି ମୋ ମା' କେତେ କଷ୍ଟ ସହିକରି ଆମକୁ ବଡ କରିଛନ୍ତି । ରଖ ମ' ତୁମର କାହାଣୀକୁ ତୁମେ ଯାଇ ମା'ର ସେବା କର ଆଉ ତାଙ୍କର ଗୁଣ ଗାଅ । ଏହା ମା'-ବାପାଙ୍କର କର୍ତ୍ତବ୍ୟ ତ ହୋଇଥାଏ । ଠିକ୍ କଥା କହୁଛି ତ ନିଶା । କର୍ତ୍ତବ୍ୟ ! ଆମମାନଙ୍କର କର୍ତ୍ତବ୍ୟ କ'ଣ ଥାଏ ? ମା'-ବାପା ଛୁଆ ଯେତେବେଳେ ଅସୁସ୍ଥ ହୋଇ ପଡେ ସେମାନେ କେତେ ଛଟପଟ ହୋଇଥାନ୍ତି ଛୁଆ କେମିତି ଭଲ ହେଇଯାଉ କିନ୍ତୁ ଅଜି ଆମେ ସମୟର ବାହାନା ବନେଇ ଥାଉ । ଅର୍ଥାତ୍ ତୁମ ପାଇଁ ଗୋଟିଏ ଶବ୍ଦର ଦୁଇ ଦୁଇଟା ପରିଭାଷା ଅଟେ। ଗିରିଜା ଦେବୀ ପାଣି ଆଣିବା ପାଇଁ ରୋଷେଇ ଘରକୁ ଯାଉଥିବା ବେଳେ ପୁଅ-ବୋହୂଙ୍କର କଥା ଶୁଣି ପକେଇଲେ । ପୁଅ ଶେଖରକୁ ବୁଝେଇ କରି ମା' କହିଲେ, ବୋହୂତ ଠିକ୍ କହୁଛି । ପ୍ରତ୍ୟେକ ମା'- ବାପାଙ୍କର ଦାୟିତ୍ୱ ହୋଇଥାଏ କି ସେମାନଙ୍କୁ ପଢେଇବା ଲେଖେଇବା ଭଲ କଥା ଶିଖେଇବା । ମା' ନିଶା ତୁ ଏମିତି କର କାଲି ସକାଳେ ନିଜ ପାଇଁ ଗୋଟିଏ ଭଡା ଘର ଖୋଜ୍ । ମୁଁ ଏହି ଘରକୁ ଗୋଟିଏ ଲେଡିଜ୍ ହଷ୍ଟେଲ୍ ବନେଇବାକୁ ଚାହୁଁଥିଲି । ହଁ ଟିକିଏ ଶୀଘ୍ର କରିବୁ ମୁଁ ନଗରପାଳିକାଠାରୁ ଏଜି ହଷ୍ଟେଲ୍ କରିବା ପାଇଁ ଆବଶ୍ୟକ କାଗଜ ପତ୍ରର କାମ କରେଇ ନେଇଛି । ନିଶା ଏହା ଶୁଣି ନିଃଶବ୍ଦ ହୋଇଗଲା ଗିରିଜା ଦେବୀଙ୍କ ବଦଳୁଥିବା ରୂପକୁ ଦେଖି । ଅଥଚ ଶେଖର ନିଜର ମା'ର ଏହି ରୂପକୁ ଦେଖି ହସୁଥିଲା ।

ଫ୍ଲଟ ନମ୍ବର-୨୧୭/ପି, ବାୟାବାବା
ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),
ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

# ମିଠା ମୋହ

ଲୋପାମୁଦ୍ରା ମୈକାପ୍

ବସ୍‌କୁ ଚଢ଼ିବା ପୂର୍ବରୁ ଆଉ ଥରେ ପଛକୁ ବୁଲି ଚାହିଁଲେ ବୈଜୟନ୍ତୀ ନିଜ ସହର ଆଡ଼କୁ। ସେମିତି କିଛି ଦେଖିଲା ଭଳି ବିଶେଷତ୍ୱ ନ ଥାଇ ବି ତାଙ୍କ ପାଇଁ ଏ ସହରର ଗୁରୁତ୍ୱ ଅନେକ ବେଶୀ। କଣ୍ଡକ୍ଟର୍‌ର ଡାକରେ ଧ୍ୟାନ ଭାଙ୍ଗି ବସ୍‌କୁ ଚଢି ଝର୍କା ପାଖ ସିଟ୍‌ଟିଏ ଅକ୍ତିଆର କଲେ। କିଛି ବିକ୍ଷିପ୍ତ କେଶଗୁଚ୍ଛକୁ କପାଳ ଉପରୁ କାନ ପଛକୁ ନେଇ ଧୀରେ ଚାପି ଦେଇ ଛୋଟ ବ୍ୟାଗ୍‌ଟିକୁ ସିଟ୍ ତଳେ ନିଜ ଗୋଡ଼ ପାଖରେ ରଖି ସଜାଡ଼ି ହୋଇ ବସିଲେ। ପ୍ରାୟ ସବୁ ସିଟ୍ ଅଧିକୃତ ଥିଲା। ଇତି ମଧ୍ୟରେ ସାମାନ୍ୟ ଶବ୍ଦ କରି ବସ୍ ଆଗକୁ ବଢ଼ିଲା। ବିଶେଷ ଅସୁବିଧା ନ ଥିଲେ ବୈଜୟନ୍ତୀ ସବୁବେଳେ ଏସି ବସ୍ ହିଁ ପସନ୍ଦ କରନ୍ତି। କିନ୍ତୁ ଆଜିର କାହାଣୀ ଅଲଗା। ଆଜି ସେ ନିଜ ଘରେ, ନିଜ ବତିଶ ବର୍ଷର ସଂସାର ଭିତରେ ଶ୍ୱାସରୁଦ୍ଧ ଅନୁଭବ କରୁଥିଲେ। ତେଣୁ ବାହାରକୁ ବାହାରି ଆସିଥିଲେ ଖୋଲା ଶ୍ୱାସ ଟିକେର ସନ୍ଧାନରେ। ଆଜି ତାଙ୍କର ଏସି ବସ୍ ନୁହେଁ ବରଂ ଦରକାର ଥିଲା ପୁଳା ପୁଳା ତାଜା ପବନ। ବସ୍‌ର ଗତି ସହ ତାଳ ମିଳାଇ ପଛକୁ ଚାଲିଥିଲା ସହର ଏବଂ ପଛକୁ ବି ବହି ଚାଲିଥିଲା ବୈଜୟନ୍ତୀଙ୍କ ସ୍ମୃତିର ନଈ। ବତିଶ ବର୍ଷ ପୂର୍ବରୁ ଚିନ୍ମୟଙ୍କୁ ବିବାହ କରି ଏ ସହରକୁ ଆସିଥିଲେ ସେ। ଦୁଇ ବର୍ଷ ପରେ ଦେବୁର ଜନ୍ମ। ଚିନ୍ମୟଙ୍କର ଡାକ ବିଭାଗରେ ଚାକିରି। ପ୍ରତି ଚାରି ବର୍ଷରେ ଥରେ ବଦଳି। କିନ୍ତୁ ବୈଜୟନ୍ତୀ ନିଜ ଶିକ୍ଷୟିତ୍ରୀ ଚାକିରି ଏବଂ ଏ ସହରକୁ ଛାଡ଼ି ସ୍ୱାମୀଙ୍କ ସହ ଯିବା ପାଇଁ ରାଜି ହୋଇ ନ ଥିଲେ। ଶାଶୂଘର, ବାପଘର ଓ ସମ୍ପର୍କୀୟ ମାନେ କହିଲେ, ସ୍ୱାମୀ ସବୁବେଳେ ବାହାରେ, ପୁଅ ଓ ଚାକିରି ଏକା କେମିତି ସମ୍ଭାଳିବୁ ? ବରଂ ଚାକିରି ଛାଡ଼ି ସ୍ୱାମୀ ପାଖକୁ ଚାଲି ଯା'। କିନ୍ତୁ ବୈଜୟନ୍ତୀ ରାଜି ହୋଇ ନ ଥିଲେ, ମୋ ଚାକିରି ଖଣ୍ଡିକ ମୋ ସ୍ୱାଭିମାନ ବୋଲି ଭାବି। ବିବାହ କରି ଆସିଥିଲେ ଭଡ଼ା ଘରକୁ। ଦେବୁ ସ୍କୁଲ୍‌ରେ ନାମ ଲେଖାଇବା ବର୍ଷ କିଣା ହେଲା ଭୁବନେଶ୍ୱର ସହରଲଗା ଖଣ୍ଡେ ଛୋଟିଆ ଜାଗା ସ୍ୱାମୀ-ସ୍ତ୍ରୀଙ୍କର ନିଅଣ୍ଟିଆ ରୋଜଗାର ଅର୍ଥରେ ଏବଂ ଦେବୁର ସପ୍ତମ ଶ୍ରେଣୀ ବର୍ଷ ଆରମ୍ଭ ହେଲା ଘର ତୋଳା। ଦେବୁକୁ ସ୍କୁଲ୍ ପଠେଇ, ଚାକିରିରୁ ଛୁଟି ନେଇ ଖରାତରାରେ ଛିଡ଼ା ହୋଇ ଘର କାମ ତଦାରଖ କରିଛନ୍ତି ସେ। ଚିନ୍ମୟଙ୍କୁ କେବେ ଛୁଟି ମିଳେ ତ କେବେ ମିଳେନା। ଆସିଲେ ବି ତିନି ଚାରି ଦିନରୁ ଅଧିକ ନୁହେଁ। ଘରତୋଳା ଦାୟିତ୍ୱ ବୈଜୟନ୍ତୀଙ୍କ ଉପରେ ନ୍ୟସ୍ତ। ଗାଁରେ ଦୁଇ ଦିଅର ନିଜ ନିଜ କାମଧନ୍ଦାରେ ବ୍ୟସ୍ତ। ଆସିଲେ ସେଇ ଚିନ୍ମୟ ହିଁ ଆସିବେ, ନହେଲେ କେବେ କେବେ ତାଙ୍କ ମାଆ ଆସି ରହନ୍ତି ଦେବୁ ପାଖରେ। ସିଏ ବି ନିଜ ଘର ସଂସାର ପୁଅବୋହୂ ନାତି ନାତୁଣୀ ଛାଡ଼ି କେତେ ଦିନ ରହିବେ ? ଦେହ କଷ୍ଟ ଠାରୁ ମନ କଷ୍ଟ ବେଶୀ ବାଧେ। ରାତିରେ ଶୋଇଲା ବେଳେ ନିଃସଙ୍ଗତାର ସୁଯୋଗ ନେଇ ଲୁହ ମାନେ ଅଜାଣତରେ ବୋହି ଆସି ତକିଆ ଭିଜାନ୍ତି। ପାଖରେ ଶୋଇ ଦେବୁ ପଚାରେ, କାହିଁକି କାନ୍ଦୁଛ ମାମା, ପାପା ମନେ ପଡୁଛନ୍ତି କି ? ବୈଜୟନ୍ତୀ ପୁଅ ଓଠରେ ଆଙ୍ଗୁଳି ଚାପି ଚୁପ୍ କରେଇ ଦିଅନ୍ତି ଓ ପିଠି ଥାପୁଡ଼େଇ ଦେଇ କହନ୍ତି, 'ଶୋଇପଡ଼, କାଲି ସକାଳୁ ସ୍କୁଲ୍।' ଏମିତି ଭିତରେ ଛିଡ଼ା ହୋଇଗଲା ଦିନେ ଘର। ଦେବୁର ଖୁସି କହିଲେ ନ ସରେ। ସେଇ ଛୋଟ ଦୁଇଟି ବେଡ୍ ରୁମ୍, ଡ୍ରଇଂ ରୁମ୍ ଓ ଡାଇନିଂ ଭିତରେ କଟିଛି ଦେବୁର ପିଲା ବେଳ, ସ୍କୁଲ୍ କଲେଜ ସମୟ ଓ ବୈଜୟନ୍ତୀଙ୍କର ଚାକିରି କାଳ। ବି ସେଇ ଘରେ ଚହଟିଛନ୍ତି କେତେ ସ୍ୱପ୍ନ, ମହକିଛନ୍ତି କେତେ ମୋହ, ଉତୁରିଛନ୍ତି କେତେ ଖଟାମିଠା ସ୍ମୃତି।

ହଠାତ୍ ଦେବୁକୁ ସେଇ ଘର ଛୋଟ ଲାଗିଲା ! ତା' ପିଲା ବେଳୁ ତିରିଶ ବର୍ଷର ହେବା ଯାଏ ଘରୁ କେବେ ଅଲଗା ହେଇନି ଦେବୁ। ତିନି ବର୍ଷ ତଳେ ବାହାଘର, ଦୁଇ ବର୍ଷର ଝିଅ ତାର। ନିଜ ପସନ୍ଦର ଭିନ୍ନ ଜାତିର ଝିଅ ବିବାହ କରିଥିଲା। ପୁଅ ପ୍ରତି ତାଙ୍କ ମୋହର ଆଧିକ୍ୟ ଏତେ ଯେ ଅଜାତି ହୋଇଥିଲେ ବି ଚଳିଥାନ୍ତା। ଦୁଇ ମାସ ପୂର୍ବରୁ ଦେବୁ ସହ ବୋହୂ ବି ପଦ ଯୋଡ଼ି କହିଲା, ଘରଟା ବହୁତ ଛୋଟ ହୋଇ ଯାଉଛି ଆମ ପାଇଁ। ଫ୍ରି ଲାଗୁନି ଚଳିବାକୁ। ଝିଅ ବଡ଼ ହେଉଛି ତା ପାଇଁ ବି ଅଲଗା ରୁମ୍ ଦରକାର। ଯଥା ଶୀଘ୍ର ଆମକୁ ବଡ଼ ଫ୍ଲାଟ୍ ବ୍ୟବସ୍ଥା କରିବାକୁ ପଡ଼ିବ। ବୈଜୟନ୍ତୀଙ୍କ ମୁଣ୍ଡ ଭିତରେ ଯେମିତି ଅନେକ କିଛି ଗୋଳମାଳ ହୋଇଗଲା। ଲୁହରେ ଦୁଇ ଆଖି ପୁରି ଆସିଲା। ନିଜେ ଭାଙ୍ଗି ପଡିବା ପୂର୍ବରୁ ରୁମ୍ ଭିତରେ ନିଜକୁ ନିବୁଜ କରିନେଇ ମନେ ମନେ ଭାବିଲେ, ଡାକ୍ତର ପୁଅକୁ ଚାକିରିଆ ବୋହୂ। ଯାହା ଠିକ୍ ଭାବିବେ କରିବେ। ବୋହୂ ତ କାଲି ପରି ଆସିଛି ଏ ଘରକୁ, ଦେବୁ ମୁହଁରୁ ବି ବାହାରିଲା ମାଆକୁ ଏବଂ ଏ ଘରକୁ ଛାଡ଼ି ଚାଲିଯିବା କଥା। ମନ କଥା ମନରେ ରଖିଲେ ବୈଜୟନ୍ତୀ। ଆଖି ଲୁହ ଆଖିରେ ମଲା। ଅକସ୍ମାତ୍ କାଲି ସନ୍ଧ୍ୟାରେ ଦେବୁ ଫୋନ୍ କରି କହିଲା, ବହୁତ ଭଲ ଫ୍ଲାଟ୍ ଗୋଟେ ରି-ସେଲ୍ ହେଉଥିଲା, ଚମତ୍କାର ଇଣ୍ଟେରିଅର। ତା ସାଙ୍ଗର। ସେ କିଣି ସାରିଛି। ଯଥା ଶୀଘ୍ର ସିଫ୍ଟ କରିବା। ଯଦି ସମ୍ଭବ ହୁଏ ଆସନ୍ତା ସପ୍ତାହରେ। ବୋହୂ ଖୁସିରେ କୁରୁଳି ଉଠିଲା। ଚିନ୍ମୟ ସବୁ ବେଳ ପରି ଚୁପ୍ ରହିଲେ, ଅଧିକ କଥା କହିବା ଲୋକ ସେ ନୁହଁନ୍ତି। ବୈଜୟନ୍ତୀ ସକାଳର ଅପେକ୍ଷାରେ ରାତି କଟାଇଲେ। ଦୁଇ ଖଣ୍ଡ ଲୁଗାପଟା ଗୋଟେ ବ୍ୟାଗ୍‌ରେ ଭର୍ତ୍ତି କରି କାନ୍ଧରେ ବେପରୁଆ ଭାବରେ ଭ୍ୟାନିଟି ଗଳାଇ ଘରୁ ବାହାରି ଗଲେ କାହାକୁ କିଛି ନ ଜଣାଇ। ସାତ ଦିନ କଟିଗଲା ପୁରୀ ବେଳାଭୂମି, ଜଗନ୍ନାଥ ମନ୍ଦିର ଓ ବଡ଼ ଭାଇ ଭାଉଜଙ୍କ ଘରେ। ଅଷ୍ଟମ ଦିନ ବଡ଼ ଠାକୁରଙ୍କୁ ବଡ଼ ମୁଣ୍ଡିଆଟିଏ ମାରି ଫେରନ୍ତା ବସ୍‌ରେ ବସି ପହଁଚିଲେ ନିଜ ଘରେ। ଡ୍ରଇଂ ରୁମ୍ ଭିତରେ ପ୍ରବେଶ କଲା ମାତ୍ରେ ତାଙ୍କୁ ନିଜ ଘର ଦୋ ଦୋ ଚିହ୍ନା ମନେହେଲା। ଘରର ଅର୍ଦ୍ଧେକ ଆସବାବପତ୍ର ଓ ଲୁଗାପଟା ବଡ ବଡ କାର୍ଟୁନ୍ ଗୁଡ଼ିକରେ ପ୍ୟାକ୍ ହୋଇ ରଖା ହୋଇଥିଲା। ଦେବୁ ଘର ଭିତରୁ ବାହାରି ଆସି ଅଭିଯୋଗ ଭରା କଣ୍ଠରେ କହିଲା, କାହାକୁ କିଛି ନ ଜଣେଇ ଚାଲିଗଲ ମାମା ? ବଡ଼ ମାମୁଁଙ୍କୁ ଫୋନ୍ କରି କହି ଦେଇଥିଲି ତୁମକୁ ଆଜି ଯେମିତି ହଉ ପଠେଇ ଦେବାକୁ। ଏଠି ବହୁତ କାମ, ତୁମେ ନ ଦେଖିଲେ ହେବ କେମିତି ? କିଛି ପ୍ରତ୍ୟୁତ୍ତର ନ ଦେଇ ନିଜ କୋହ ଉପରେ କାବୁ ପାଇବାର ଚେଷ୍ଟାରେ ଏକ ଦୀର୍ଘଶ୍ୱାସ ଟାଣି ବୈଜୟନ୍ତୀ ନିଜ ରୁମ୍ ଭିତରକୁ ପ୍ରବେଶ କରି ଯାହା ଦେଖିଲେ ସେଥିରେ ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। କ'ଣ ଭାବିବେ ନ ଭାବିବେ ଚିନ୍ତା କରୁକରୁ ବୋହୂ ରୁମ୍ ଭିତରକୁ ପଶି ଆସି କହିଲା, 'ଆପଣଙ୍କ ବ୍ୟବହାର ଜିନିଷ ସବୁ ମୁଁ ପ୍ୟାକିଂ କରି ଦେଇଛି ଅଳ୍ପ କିଛି ରଖି। କାଲି ପ୍ୟାକର୍ ଆସି ବାକି ଜିନିଷ ଓ କିଚେନ୍ ସାମଗ୍ରୀ ପ୍ୟାକିଂ କରିବେ। ପହରିଦିନ ସକାଳୁ ସିଫ୍ଟିଂ। ଆପଣ ଫ୍ରେଶ୍ ହେଇ ରେଷ୍ଟ ନିଅନ୍ତୁ। ଆପଣଙ୍କ ରୁମ୍‌ର ଆସବାବପତ୍ର କାଲି ପ୍ୟାକିଂ ହେବ ବୋଲି ଦେବାଶିଷ କହିଛନ୍ତି।' ବୈଜୟନ୍ତୀ ଅବୁଝା ଦୃଷ୍ଟିରେ ଚିନ୍ମୟଙ୍କ ଆଡ଼େ ଚାହିଁଲେ। ଚିନ୍ମୟଙ୍କ ସ୍ମିତହସ ସବୁ କିଛି ପ୍ରାଞ୍ଜଳ ଭାବରେ ବୁଝାଇ ଦେଉଥିଲା। ବୈଜୟନ୍ତୀଙ୍କର ସେଇ ମୁହୂର୍ତ୍ତର ଭାବନା ଗୁଡ଼ିକ ତାଙ୍କ ନିଜ ପାଇଁ ଅପରିଚିତ ମନେ ହେଉଥିଲେ। ବ୍ୟାଗ୍‌କୁ ବେଡ୍ ଉପରେ ଫିଙ୍ଗି ଦେଇ ଝର ଝର ହୋଇ କାନ୍ଦି ପକାଇଲେ। ଦେବୁ ପାଖକୁ ଲାଗି ଆସି ତାଙ୍କୁ କୁଣ୍ଢାଇ ଧରି କହିଲା, 'ମୁଁ ଭଲ ଭାବରେ ଜାଣିଛି ତୁମେ କାହିଁକି ମନଦୁଃଖ କରୁଛ। ତୁମେ ଅନେକ ଦୁଃଖ କଷ୍ଟ ସହି ଏ ଘରକୁ ଛିଡ଼ା କରିଛ। ଏ ଘର ଏମିତି ହିଁ ରହିବ ମାମା। କିନ୍ତୁ ଭଡ଼ା ନ ଦେଲେ ମେଣ୍ଟେନ୍ ହେବ କେମିତି ?' ଲୁହ ଭିଜା ଆଖିରେ ବୈଜୟନ୍ତୀ ଚାହିଁଲେ ପୁଅକୁ। 'ଆଉ ତା' ଛଡ଼ା ଏଇ ସହରରେ ହିଁ ତ ଆମେ ରହିବା। ଯେବେ ଇଚ୍ଛା କରିବ ଆସି ଦେଖି ଯିବା। ନା କ'ଣ ?'

ପୁଅ ଛାତିରେ ମୁହଁ ଗୁଞ୍ଜି ଧକେଇ କାନ୍ଦୁଥିବା ବେଳେ ବୈଜୟନ୍ତୀ ଭାବୁଥିଲେ ଯେ ପୁଅର ମୋହ ଆଗରେ ଘରର ମୋହ କେଡ଼େ ତୁଚ୍ଛ ସତେ ! ନିଜ ଭାବନାରୁ ବିରତି ନେଇ ସେ ମଧ୍ୟ ଦେଖି ପାରୁଥିଲେ ପାଖ ଚେୟାର୍‌ରେ ବସି ତାଙ୍କ ଆଡ଼େ ଚାହିଁ ମୁରୁକି ହସୁଥିବା ସ୍ୱାମୀଙ୍କୁ।

ମନରେ କେଉଁ ପ୍ରକାର ଭାବନା ନେଇ ଘର ଛାଡ଼ି ଯାଇଥିଲେ ତାର କାରଣ ପୁଅବୋହୂଙ୍କୁ ଜଣାଇ ଲଜ୍ଜିତ ହେବା ଅପେକ୍ଷା ସେ ବିଷୟରେ ଚୁପ୍ ରହି ଯିବା ବରଂ ଭଲ ହେବ ବୋଲି ମନେ ମନେ ବିଚାର କରି ଆଖିରୁ ଲୁହ ପୋଛି ସ୍ୱାମୀଙ୍କ ଆଡ଼େ ଚାହିଁ ଓଠରେ ଧୀରେ ହସ ଫୁଟାଇଲେ ବୈଜୟନ୍ତୀ।

ତ୍ରିଶୂଳିଆ, କଟକ
ମୋ-୯୫୫୬୯୦୭୬୪୪

# ହାଏ ହାଏରେ ଜୀବନ

ବିଜୟଲକ୍ଷ୍ମୀ ପାଣିଗ୍ରାହି

ମାଆ ! ମାଆ ! ଏ ବର୍ଷ ଦିବାଲି ଆସିଲେ, ମୁଁ ଏହିଠାରୁ ହିଁ ପଟାଖା ନେବି।
-ଆରେ ମୂର୍ଖ ! ଏଇଟା ପଟାଖା ଦୋକାନ ନୁହେଁ। ଲେଡିଜ ହଷ୍ଟେଲ।
-ହେଲେ ବାପା କହୁଥିଲେ ଯେ ଏଠି , 'ଏକ ସେ ବଢକର ଏକ ପଟାଖା ଅଛି'
-ଚାଲ... ଘରକୁ ଚାଲ। ମୁଁ କ'ଣ ଛୋଟ ପଟାଖା ହୋଇଛି। ତୋ ବାପା ଆଜି ଦେଖିବେ, କେମିତି ପଟାଖା ଫୁଟିବ ?

କୁକୁରର ବର୍ଜ୍ୟବସ୍ତୁକୁ ଡେଇଁ ଡେଇଁ ଚାଲିଲା ପରି ରୁକ୍ମିଣୀ ଆଣ୍ଠୁ ପାଖକୁ ଲୁଗା ଟେକି ପହଣ୍ଡି ଯାତ୍ରା ଆରମ୍ଭ କଲେ ଘର ଅଭିମୁଖେ। ବିଚରା ଭାଗୀ ଗଦ ସୁଂଘା ସାପ ପରି ମାଆ ପଛେ ପଛେ ଆସି ସାହିରେ ହାଜର ହେଲା।

ସାହି ପଡୁଛି ଉଠୁଛି ପଡ଼ିଶାଘରର ରୋଳରେ। ଶୁଖୁଆ ଚହଟିଲା ପରି ଖବର ଚାରିଆଡେ ଚହଟି ଗଲାଣି। ଚରିତ୍ରହୀନା କହି ବିନୋଦ ଭାଇ କୁଆଡେ ଅଦା ଛେଚିଲା ପରି ଛେଚି ଚାଲିଛନ୍ତି ମାଧବୀ ନାନୀଙ୍କୁ। ଏ ବୁଢା ବୟସରେ ସନ୍ଦେହ କେନେଇଛି। ଏମିତି ବି ସେ ଭାଇଙ୍କର ବୁଲେଟ ଲାଇଟ ଭଳି ଢ଼ିମା ଢ଼ିମା ଆଖି ଦେଖି କିଏ ବି ସେ ଘରର ଛାଇ ମାଡନ୍ତି ନାହିଁ। ଯେ ହିଁ ଜଣେ ! ଯିଏ ତାଙ୍କ ଘରକୁ ଯିବାକୁ ସାହସ କରନ୍ତି। ଘରକୁ ଯାଇ ତାଙ୍କୁ ପଠାଇଲେ ହିଁ, ଏ ଝଡ଼ ଥମିବ।

ଘରେ ପଶୁ ପଶୁ ରୁକ୍ମିଣୀ କହିପକାଇଲେ, ହେ ହୋ । ଗୁମ ମାରି ବସିଛ। କି ପଥର ହୃଦୟ ତୁମର ! ସାହି ଗହଳି ଟିକେ ବି ଭେଦୁନି।
-ମାଆ ! ରୁହ ମୁଁ ଡ୍ରିଲିଂ ମେସିନଟା ଆଣି ଦେଉଛି। ସାଙ୍ଗେ ସାଙ୍ଗେ କଣା ହୋଇଯିବ।
- ଆରେ କୁଳାଙ୍ଗାର ! ଆଣେ, ଆଗ ତୋ ମୁଣ୍ଡଟା କଣା କରିଦେବି।

ସ୍ୱାମୀଙ୍କୁ ହଲାଇ କହିଲେ, ତମେ ଶୁଣି ପାରୁନ। ଚିକି ଘରେ ତା' ବାପା କେତେବେଳୁ ଝଗଡା କରୁଛନ୍ତି। ସାହି ପଡୁଛି ଉଠୁଛି। ତମେ ଯାଇ ଟିକେ ବୁଝେଇ ଦେଲେ ହୁଅନ୍ତା ନାହିଁ। ପଡୋଶୀ ହୋଇ ରହିଛ। କଜିଆ ଶୁଣି ବସିଛ କିପରି ? ସୋସାଇଟିର ରହୁଛ ସୋସିଆଲ ଟିକେ ହୁଅ।
- ହଁ, ମୁଁ ଯାଇଥିଲି ବୋଲି ତ ତାଙ୍କ ଘରେ ଏ ଝଗଡା।
-ଓଃ...କଥା ତା'ହେଲେ କେବଳ ଲେଡିଜ ହଷ୍ଟେଲରେ ନ ଥିଲା ଏଇଠି ମଧ୍ୟ। ଏତେ ଫାଲତୁ ମଣିଷମାନଙ୍କୁ ଘରେ ରଖିବା କଥା ନୁହେଁ। ଆରେ ଭାଗୀ ! ବାଦୁଡ଼ି ଭଳି କୁଆଡେ ଲଟକି ଗଲୁ ନା କଣ ? ଦେଖ... କାଲି ଏ ଘରୁ ସବୁ ବେକାର ଜିନିଷ ବାହାର କରିଦେବୁ।



-ହେଲେ ତୁମେ କେଉଁଠି କୁ ଯିବ ମାଆ ?
-ମୁଁ ଆଇ ଘରକୁ ଯିବି।

ମନେ ମନେ ଭାଗୀ କହି ଉଠିଲା, ହଁ ଯାଅ । ସେଇଟା ହିଁ ତୁମର ଉଚିତ ସ୍ଥାନ। ସେଠି ସବୁଯାକ ଅଳିଆ ଲୋକ । ପିଲାଦିନେ ଘରକୁ ଆସିଲେ ଗୋଟେ ପଟେ ପଇସା ହାତରେ ଗେଞ୍ଜି ଗେଞ୍ଜି ଦେଉଥିବେ ଆଉ ଅନ୍ୟପଟେ ଡିଣ୍ଡିମ ପିଟି କହୁଥିବେ ଚକଲେଟ କିଣି ଖାଇବୁ। ଆରେ ଚକଲେଟ ଦେବା ଲୋକ ଚକଲେଟ ଆଣିଲେ ସିନା ହେବ। ସେ ଟଙ୍କାରେ କ'ଣ ଚକଲେଟ କିଣା ହୁଏ ? ତାହା ତ ସୁଭଦ୍ରା ଯୋଜନା ଭଳି ସିଧା ମାଆଙ୍କ ଆକାଉଣ୍ଟକୁ ଯାଏ। ହେଲେ ଏବେ ଆସିଲେ ଆଉ ଟଙ୍କା ନାଇଁ କି ଚକଲେଟ ବି ନାହିଁ। ଖାଲି ଆଶୀର୍ବାଦ। ତାହା ପୁଣି ବୁଢ଼ା ହୋଇ ଥାଆ। ଦିକେଜି କ୍ରିମ ଦେଢ଼ କେଜି ପାଉଡର ଲଗାଇ ରୀଙ୍କଲସ ଲୁଚେଇ ବୁଲୁଥିବେ ପଚାଶ ବର୍ଷରେ। କ'ଣ ନା ଆଇ ଡାକନା। ଏପଟେ କୋଡିଏ ବର୍ଷର ପିଲାକୁ ବୁଢ଼ା କରିଦେବେ।

ତାର ମନେ ପଡିଗଲା ଖରା ଛୁଟିର କଥା। ଆଇ ଏଥର ଖରାଛୁଟି କାଟିବାକୁ ଜୟପୁର ଆସିଥିଲେ ଯେ ମାଆ ଚାହା ଦେବା ଟିକେ ଡେରି ହୋଇ ଗଲାରୁ ମୁହଁକୁ ଥେପଲା ପରି କରି ମୋ ପାଖରେ ବିଳିବିଳେଇ ବସିପଡିଲେ।
- ତୁଚ୍ଛ ଲାଗୁଛି ଏ ଜୀବନ। ଜୀଇଁକି ଆଉ କ'ଣ ବା କରିବି।
-ହେଲେ କଣ ଭାବୁଛ ଆଇ ? ମରିବ କି ଜିଇଁବ ?
-(ଦୀର୍ଘଶ୍ୱାସ)
-କନଫିଉଜ୍ ହେଉଛ କି ? ଏକ କାମ କର । ଏଲ ଆଇ ସି ଏଜେଣ୍ଟ ପାଖକୁ ଚାଲି ଯାଅ। ସେ କେତେଟା ଘଣ୍ଟାରେ ତୁମକୁ ବୁଝେଇ ଦେବେ ଜିଇଁବାଠାରୁ ମରିବାରେ ବେଶୀ ଫାଇଦା ଅଛି।
- ମେଞ୍ଚାଡ଼ ଟୋକା ଅନେଇ ବସିଛି ମୋ ମରଣକୁ।

କହି ସେଠାରୁ ଉଠି ଚାଲିଯାଇଥିଲେ। ସେଇ ମାଆ ପାଖକୁ ଏବେ ମାମା ଯିବ। ଯାଉ , ଏଣୁଅ ଯାଇ ଯାଇ ଆଉ କେଉଁଠିକୁ ? ସିଝୁ ବୁଢା ମୂଳକୁ।

ଏ ... ମୋ ମାଆ ବିଷୟରେ ଯାଡୁ ସିଆଡୁ ଚିନ୍ତା କରନି କହୁଛି। ଜହ୍ନମାମୁ ଭଳି ସିଏ ଜଣେକା ସମ୍ପର୍କୀୟ ଯିଏ ମୋ କାମରେ ଦଖଲ ଦିଏନି ନହେଲେ ତମେମାନେ ସବୁ.... ମୋ ଭାଗ୍ୟକୁ ମହାକାଳ ଫଳ।

ତା'ପର ଦିନ ସମୟ ଏଗାରଟା ଅଧେ ହେବ। ପୂର୍ବ ଦିନର ଟାଆଁସ ପଣ ସବୁ ଇଡ଼ଲି ଉପରକୁ ଉତାରି ଆଣିଛନ୍ତି ରୁକ୍ମିଣୀ। ବେଲ ଝଡାଇବା ଢେଲା ପରି ହୋଇଛି ଇଡଲିର ଗୁଣ ଗାରିମା। ତା' ସାଥିକୁ ପିଙ୍ଗ ପଙ୍ଗ ବଲ ଭଳି ଡେଉଁଥିବା ମଟରର ଚଣା ତରକାରୀ ଯାହାର ଝୋଳ ଆଉ ଫଳ ଭିତରେ ଅହି ନକୁଳର ସମ୍ପର୍କ। ବଡ଼ କାଇଦାରେ ବଂଶୀବାବୁ ତା'କୁ ଗର୍ଭକୁ ଖେପିଛନ୍ତି। ସେଥିପାଇଁ ବାରମ୍ବାର ପେଟ ସାଉଁଳି ତାଙ୍କୁ ଥାପୁଡ଼େଇ ବୁଝାଉଛନ୍ତି ଭିତର ସ୍ଥିତିକୁ ନ ବିଗାଡିବା ପାଇଁ। ସେତିକି ବେଳକୁ ଦୁଇଘର ଡେଇଁ ରହୁଥିବା ପଡୋଶୀ ହଟବାବୁ ହସି ହସି ଘରଭିତରକୁ ପଶି ଆସିଲେ।
-କଥା କଣ କି ? ଆଜି କ'ଣ
-ନା ନା , ରାମଦେବ ବାବା କହୁଥିଲେ। ହସ ଗୋଟେ ଭଲ ମେଡ଼ିସିନ। ସବୁବେଳେ ଖୁସିରେ ରଖେ।
-ହେଲେ କାଲି କ'ଣ ହୋଇଥିଲାକି। ଉଷୁନା ଧାନ ବସା ହାଣ୍ଡିପରି ମୁହଁ କରିଥିଲ।
-କାଲି ଆମର ସିଏ ପଚିଶି ହଜାର ଟଙ୍କା ଦେଇ ଗୋଟେ ଶାଢ଼ି କିଣିଲା ତ... ସେଥିପାଇଁ।
-ହା ହା ହା । ସେଥିପାଇଁ ତୁମର ଫ୍ୟୁଜ ପଳାଇଲା ନା। ହେଲେ ଆଜି ଏ ହସ କେମିତି ? ପୁରା ଫୁଲ ଚାର୍ଜରେ...ଦିଲ ଗାର୍ଡେନ ଗାର୍ଡେନ।
-କାହିଁକି କି ? ଆମର ସିଏ ଆଜି ତମର ତାଙ୍କୁ ଶାଢ଼ି ଦେଖାଇବାକୁ ଆସୁଛି। ସେଥିପାଇଁ...

ସାଙ୍ଗେ ସାଙ୍ଗେ ଏଣୁଅ ପରି ରଙ୍ଗ ବଦଳି ଗଲା ବଂଶୀ ବାବୁଙ୍କର। ବଂଶୀର ସବୁ ରନ୍ଧ୍ରରୁ ପବନ ଭୁଷଭାଷ ବାହାରି ଆସିଲା ଯେମିତି। ନଗସାପ ପରି ଫଁ ଫଁ ହୋଇ ସେ କବାଟ ବନ୍ଦ କରିବାକୁ ଗଲାବେଳେ ହଟ ବାବୁଙ୍କର ତାଙ୍କେ ଘରଭିତରକୁ ଝପଟି ପଶିଗଲେଣି ଦଲକାଏ ଲୁ ବାୟୁ ସାଥିରେ ଧରି। ବଂଶୀବାବୁ ଲଥକରି ଚୌକିରେ ବସି ପଡିଲେ। ଏବେ କୋଉ ପ୍ରକାର ଝଡଟେ ବହିବ କେଜାଣି ? କିଛି ସମୟ ପରେ ମସାଲାଦାର ଚାହା ସହିତ ରୁକ୍ମିଣୀ ଦେବୀ ଆସିଲେ। ମୁହଁରେ ତିନିକେଜିଆ ଅଧାଚାନ୍ଦର ହସ। ଟୁଥ ପେଷ୍ଟ କମ୍ପାନୀ ସବୁ ଏକ୍ସପେରିମେଣ୍ଟ ଯେମିତି ଏଇଠି କରିଛନ୍ତି। ମାନେ ପ୍ରୟୋଗଶାଳା। କଥାରେ ଅଛି ମଧୁର ବିନୟ ବଚନ କହି ତୋଷିବ ପ୍ରାଣୀ ମନ। ୩୨ ବର୍ଷର ଦାମ୍ପତ୍ୟ ମଧ୍ୟରେ ଏ ପ୍ରାଣୀଟାକୁ ବେଶ ବୁଝନ୍ତି ତାଙ୍କେ। ଚାହାଟା ହାତକୁ ବଢେଇ ଦେଇ କହିଲେ, 'ଦେଖିଲ ଏହାର ନୀଳ ରଙ୍ଗଟା ମୋତେ ଭାରି ମାନିବ, ନାଇଁ... ? ଶାଢୀଟାକୁ ନିଜ ଦେହରେ ପକାଇ ତାଳ ପଙ୍ଖା ହଲିଲା ପରି ଛେକେ ହଲିଗଲେ। ଗୋଟେକୁ ମାତ୍ର ପଚିଶ ହଜାର ଟଙ୍କା, ହଁ ସେ କ୍ଲାସିକ ଟେଲର ପନ୍ଦର ଶହ ଟଙ୍କା ନେବ ବ୍ଲାଉଜ ସିଲାଇବାକୁ । ମୁଁ ଭାବୁଛି ତମ ଶାଳୀ ରାଧିକାର ବ୍ଲାଉଜଟା ବି ଏଇଠି ସିଲେଇ କରିଦେବି। ଖଇରିଆ ରଙ୍ଗଟା ତା ଦେହକୁ ଭାରି ମାନିବ। ମୁଁ ଯାଉଛି। ସେଇଠୁ ଫୋନ କରିଦେବି ଯେ, ତମେ ଫୋନ ପେ କରିଦେବ। ଥଣ୍ଡା ପଡିଗଲେ ବଂଶୀବାବୁ। ଅଥଚ ଝଟା ପତରରେ କାକର ବୁନ୍ଦା ପରି ବଂଶୀବାବୁଙ୍କର ଦେହସାରା ବିନ୍ଦୁ ବିନ୍ଦୁ ଝାଳ। ହଟ ବାବୁ ପାଦ ଚିପି ଚିପି ବଂଶୀବାବୁଙ୍କ ହାତରୁ ମସାଲା ଚାହାଟା ଆଣି ଦି ସୁଡୁକିରେ ପିଇଦେଇ ବାହାରକୁ ବାହାରିଗଲେ।

କିଛି ସମୟ ପରେ ମୋବାଇଲରେ ଭିଡିଓ କଲଟିଏ ଆସିଲା। ବଂଶୀବାବୁ ଜାଣି ଶୁଣି କଲ ଉଠାଇଲେ ନାହିଁ। ଟିଂ ଟିଂ କରି ଗଦାଏ ମେସେଜ ମୋବାଇଲ କୁ ଥରାଇଦେଲେ। ହ୍ୱାଟ୍ସଆପ ଖୋଲିଲା ବେଳକୁ ଚାରିଟା ଫଟୋ କଳା, ହଳଦିଆ, ନାଲି ଆଉ ବାଇଗଣୀ ରଙ୍ଗରେ। ତଳେ ମେସେଜ, ଗୋଟେ ରଙ୍ଗ ପସନ୍ଦ କର। ନହେଲେ ଚାରିଟା ଯାକ ନେଇ ଆସିବି। ସାଙ୍ଗେ ସାଙ୍ଗେ ଗୋଟେ ରଙ୍ଗ ଚିହ୍ନଟ କରି ଛାଡିଦେଲେ ସେ। ଆଜି ମଣିଷର ବେଳା ଖରାପ। ଏକଦମ ସମୟ ନ ନେଇ ସେପଟରୁ ମେସେଜ ଆସିଲା, ପେ ୭୫୦୦୦/-। ମୋବାଇଲଟିକୁ ସୋଫା ଉପରକୁ ଫିଙ୍ଗିଦେଇ ବଂଶୀବାବୁ ଚୌକିରେ ଲଥକରି ବସିପଡିଲେ। ଗୀତ ଗାଇବାକୁ ଲାଗିଲେ, ଗାଇ ପାରୁଛନ୍ତି। ଜୋରରେ ହସି ଝରକା କାଚରେ ମୁହଁକୁ ଦେଖିଲେ, ହସ ଠିକ ଅଛି। ଦୁଇ ହାତ ଉପରକୁ ଉଠାଇଲେ, ଉଠାଇ ପାରୁଛନ୍ତି। ଜିଭ ବାହାରକୁ କାଢ଼ିଲେ, ପୁରା ସିଧା ବାହାରୁଛି। ତା' ମାନେ, ଷ୍ଟ୍ରୋକ ଆସିନାହିଁ। ଜୀବନଟା ରହିଗଲାହେଲେ ବସିବା ସ୍ଥାନରୁ ଉଠିପାରୁ ନାହାନ୍ତି କାହିଁକି ? ଯଦିଓ ସାମ୍ନା ଟେବୁଲ ଉପରେ ଥିବା ଫେବିକଲ ଡ଼ବାଟାରୁ ସିଲ ଖୋଲା ହୋଇନି।

ଶିକ୍ଷୟିତ୍ରୀ, ଜୟପୁର,
କୋରାପୁଟ, ମୋ- ୮୨୪୯୪୫୦୦୫୦

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୫ ସେପ୍ଟେମ୍ବର ୨୦୨୫ ଶୁକ୍ରବାର





# ଦୁଇଦିନିଆ ନେପାଳ ଯାତ୍ରାରେ ପ୍ରଧାନ ବିଚାରପତି ବି ଆର ଗଭାଇ

**କାଠମାଣ୍ଡୁ, ନ୍ୟୁଜ ବ୍ୟୁରୋ**

ଭାରତର ପ୍ରଧାନ ବିଚାରପତି ବି. ଆର. ଗଭାଇ ଦୁଇ ଦିନିଆ ନେପାଳ ଗସ୍ତରେ କାଠମାଣ୍ଡୁ ଯାଇଛନ୍ତି । ନେପାଳ ସୁପ୍ରିମକୋର୍ଟର ପ୍ରଧାନ ନ୍ୟାୟାଧୀଶ ପ୍ରକାଶମାନ ସିଂହ ରାଉତଙ୍କ ନିମନ୍ତ୍ରଣରେ ସିଜେଆଇଙ୍କର ଏହି ପ୍ରଥମ ନେପାଳ ଯାତ୍ରା ଅଟେ। ନେପାଳ ଆସୁଥିବା ମୁଖ୍ୟ ବିଚାରପତି ଗଭାଇ କାଠମାଣ୍ଡୁରେ ଆୟୋଜିତ ନେପାଳ-ଭାରତ ନ୍ୟାୟିକ ସେମିନାରରେ ପ୍ରଧାନ ଅତିଥି ଭାବରେ ଯୋଗ ଦେବେ। ସୁପ୍ରିମକୋର୍ଟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ସେମିନାର ସୁପ୍ରିମକୋର୍ଟ ବାର୍ ଅସୋସିଏସନ୍ ଦ୍ୱାରା ଆୟୋଜିତ କରାଯିବ। ଏହି ସେମିନାରରେ ନେପାଳର ପ୍ରଧାନ ନ୍ୟାୟାଧୀଶ ସହିତ ସୁପ୍ରିମ୍‌କୋର୍ଟର ସମସ୍ତ ନ୍ୟାୟଧୀଶ ଓ ବରିଷ୍ଠ ଅଧିବକ୍ତାମାନଙ୍କୁ ନିମନ୍ତ୍ରଣ ଦିଆଯାଇଛି।

# ମାଡ଼ ମାରି ଛାତ୍ରୀଙ୍କ ଆଖି ନଷ୍ଟ କରିଦେଲେ ଶିକ୍ଷୟିତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଦ୍ୟାଳୟ ହେଉଛି ଶିକ୍ଷାରୂପୀ ମନ୍ଦିର। ଛାତ୍ରଛାତ୍ରୀମାନେ ହେଉଛନ୍ତି ଏହି ପ୍ରତୀକାତ୍ମକ ମନ୍ଦିରରେ ଦେବୀଦେବତା, ଯେଉଁଠି ଶିକ୍ଷକ-ଶିକ୍ଷୟିତ୍ରୀ ହେଉଛନ୍ତି ପୂଜାରୀ। ମନ୍ଦିରରେ ପୂଜାରୀଙ୍କ କାମ ହେଉଛି, ଶ୍ରଦ୍ଧାର ଓ ଭକ୍ତିର ସହିତ ଦାୟିତ୍ୱ ତୁଲାଇବା। ବିଦ୍ୟାଳୟ ରୂପକ ମନ୍ଦିରରେ ଭଲ ପାଠ ସହିତ ବୁଦ୍ଧି ଓ ବିଦ୍ୟା ଶିକ୍ଷା ଗ୍ରହଣ କରିବେ ବୋଲି ପିଲାମାନଙ୍କୁ ଅଭିଭାବକ ପଠାଇ ଥାନ୍ତି। ସକାଳ ବେଳା ଭଲରେ ସ୍କୁଲରେ ଛାଡ଼ି ଦେଇଥାନ୍ତି ଏବଂ ପିଲାମାନେ ଭଲରେ ଘରକୁ ଫେରିବେ ବୋଲି ଆଶା ମଧ୍ୟ ରଖିଥାନ୍ତି। ଏହାରି ମଧ୍ୟରେ ତାଙ୍କର ପିଲାମାନେ ଯଦି କୌଣସି ଅନାବଶ୍ୟକ ଆଘାତ ପାଇ ଘରକୁ ଫେରନ୍ତି, ତା'ହେଲେ ନିଶ୍ଚିତ ଭାବେ ସେମାନଙ୍କୁ ଖରାପ ଲାଗିବା ଲାଗୁଥିବା। ରାଜଧାନୀ ଭୁବନେଶ୍ୱରରେ ଗୁରୁବାର ଏହିଭଳି ଏକ ଅଭାବନୀୟ ଘଟଣା ଘଟିଛି, ଯାହାକି ଅଭିଭାବକମାନଙ୍କୁ ଭୟ କରାଇ ଦେଇଛି।

# ଏନ୍‌ଆଇଆରଏଫ୍ ରାଙ୍କିଙ୍ଗସ୍ ୨୦୨୫
## ଦେଶର ୧୫ତମ ଶ୍ରେଷ୍ଠ ବିଶ୍ୱ ବିଦ୍ୟାଳୟ ହେଲା ଶିକ୍ଷା ଓ ଅନୁସନ୍ଧାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ଦେଶର ୧୫ତମ ଶ୍ରେଷ୍ଠ ବିଶ୍ୱ ବିଦ୍ୟାଳୟ ଭାବେ ମନୋନୀତ ହୋଇଛି । ଗୁରୁବାର କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍ନାଲ ରାଙ୍କିଙ୍ଗସ ଫ୍ରେମ୍‌ୱାର୍କ (ଏନ୍‌ଆଇଆରଏଫ୍) ରାଙ୍କିଙ୍ଗ ଦଶମ ସଂସ୍କରଣରେ ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟ ଗୁଡ଼ିକ ମଧ୍ୟରେ ସୋଆ ୧୫ ତମ ସ୍ଥାନ ହାସଲ କରିଛି । ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୦୨୫ ବର୍ଷ ନିମନ୍ତେ ଏନ୍‌ଆଇଆରଏଫ୍ ର୍‌ୟାଙ୍କିଙ୍ଗସ୍ ଘୋଷଣା କରିଥିଲେ। ଏହି ଅବସରରେ କେନ୍ଦ୍ର ରାଜ୍ୟ ଶିକ୍ଷାମନ୍ତ୍ରୀ ଶ୍ରୀ ସୁକାନ୍ତ ମଜୁମ୍‌ଦାର ମଧ୍ୟ ଉପସ୍ଥିତ ଥିଲେ । ସେହିପରି ସାମଗ୍ରିକ ଶିକ୍ଷାନୁଷ୍ଠାନ ତାଲିକାରେ ସୋଆ ୨୫ ତମ ବିଶ୍ୱବିଦ୍ୟାଳୟ ଭାବେ ସ୍ଥାନୀତ ହୋଇଛି । ୨୦୧୬ ମସିହାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ୧୦ ବର୍ଷ ଧରି ପ୍ରକାଶିତ ହେଉଥିବା ଏନ୍‌ଆଇଆରଏଫ୍ ର୍‌ୟାଙ୍କିଙ୍ଗସ୍‌ରେ ଦେଶର ଶ୍ରେଷ୍ଠ ୨୫ଟି ଉଚ୍ଚ ଶିକ୍ଷାନୁଷ୍ଠାନ ତାଲିକାରେ ନିଜ ସ୍ଥାନ ବଜାୟ ରଖିଛି ସୋଆ। ସେଥି ମଧ୍ୟରୁ ସୋଆ ୮ ଥର ଶ୍ରେଷ୍ଠ ୨୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ନିଜକୁ ସାମିଲ୍ କରିପାରିଛି । ଚଳିତ ବର୍ଷ ମେଡିକାଲ୍ ସାଇନ୍‌ସେସ୍ କ୍ଷେତ୍ରରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ୧୫ ତମ ସ୍ଥାନ ହାସଲ କରିଛି । ଗତ ବର୍ଷ ଏହା ୨୧ ତମ ସ୍ଥାନରେ ରହିଥିବା ବେଳେ ଚଳିତ ଥର ୬ଟି ସ୍ଥାନ ଉପରକୁ ଉଠିଛି ଏହି ଡାକ୍ତରୀ ଶିକ୍ଷାନୁଷ୍ଠାନ । ସେହିପରି ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍ ୯ମ ସ୍ଥାନ ବଜାୟ ରଖିଛି । ଏହି ଡିମ୍‌ଡ ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ କ୍ୟାଟେଗୋରିରେ ଗତ ବର୍ଷ ୨୬ ତମ ର୍‌ୟାଙ୍କ ହାସଲ କରିଥିବା ବେଳେ ଚଳିତ ବର୍ଷ ଏଥିରେ ଉନ୍ନତି ଘଟି ୨୨ ତମ ସ୍ଥାନରେ ପହଂଚିଛି। ସେହିପରି ଲ' କ୍ୟାଟେଗୋରିରେ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ ସାରା ଦେଶରେ ଶ୍ରେଷ୍ଠ ଦଶମ ଆଇନ୍ କଲେଜର ମାନ୍ୟତା ପାଇଛି। ଗବେଷଣା କ୍ଷେତ୍ରରେ ଗତବର୍ଷ ଠାରୁ ଗୋଟିଏ ସ୍ଥାନ ଉପରକୁ ଉଠି ୪୯ ତମ ସ୍ଥାନ ହାସଲ କରିଛି ସୋଆ । ପୂର୍ବ ଭଳି ସୋଆର ଡେଂଟାଲ୍ ସାଇନ୍‌ସେସ୍ ଏବଂ ଲ' କ୍ୟାଟେଗୋରୀ ଦେଶର ଦଶଟି ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ତାଲିକାରେ ନିଜ ସ୍ଥାନ ବଜାୟ ରଖିଛନ୍ତି। ସୋଆ ୨୦୨୨ରେ ନ୍ୟାସନାଲ୍ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରେଡିଟେସନ୍ କାଉନସିଲ୍ (ନାକ୍) ଦ୍ୱାରା ସର୍ବାଧିକ ଏକକ ଗ୍ରେଡ୍ ହାସଲ କରି ପୁନଃ ସ୍ୱୀକୃତି ଲାଭ କରିଥିଲା। ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ଅବସରରେ ଖୁସି ବ୍ୟକ୍ତ କରିବା ସହ ବିଶ୍ୱବିଦ୍ୟାଳୟର ଫାକଲ୍ଟି, ଗବେଷକ ଏବଂ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ସୋଆକୁ ଆହୁରି ଉଚ୍ଚକୁ ନେବା ନିମନ୍ତେ ସେମାନଙ୍କର ଏହି ଉଦ୍ୟମକୁ ଜାରି ରଖିବା ନିମନ୍ତେ ପ୍ରୋତ୍ସାହିତ କରିଛନ୍ତି । ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟର ଏହି ସଫଳତା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଏହି ବିଶ୍ୱବିଦ୍ୟାଳୟକୁ ଆଗାମୀ ବର୍ଷରେ ଆହୁରି ଅଧିକ ସଫଳତା ହାସଲ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ସୋଆ ୨୦୦୭ ମସିହା ଜୁଲାଇ ୧୭ ତାରିଖରେ ୟୁଜିସି ଆକ୍ଟ ୧୯୫୬ର ଧାରା ୩ ଅନୁଯାୟୀ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଡିମ୍‌ଡ ଟୁ ବି ୟୁନିଭର୍ସିଟିର ମାନ୍ୟତା ପାଇଥିଲା ।

# ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଦ୍ୱାରା କଟକ ଷ୍ଟେସନରେ କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ଅଭିଯୋଗ ସମାଧାନ ସଚେତନତା କାର୍ଯ୍ୟକ୍ରମ




**କଟକ/ଖୋର୍ଦ୍ଧା ରୋଡ୍/ ନ୍ୟୁଜ ବ୍ୟୁରୋ**

ଏକ ସୁରକ୍ଷିତ, ସମ୍ମାନଜନକ କର୍ମକ୍ଷେତ୍ର ସୃଷ୍ଟି କରିବାର ପ୍ରତିବଦ୍ଧତା ଅନୁଯାୟୀ, ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ କଟକ ରେଳ ଷ୍ଟେସନରେ 'କାର୍ଯ୍ୟସ୍ଥଳରେ ମହିଳାମାନଙ୍କୁ ଯୌନ ନିର୍ଯାତନା (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩ ସମ୍ପର୍କରେ ଏକ ସଚେତନତା ଏବଂ ସମ୍ବେଦନଶୀଳତା କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ୟୁନିକ୍ ମେଡିକାଲ୍ ଆଇଡେଣ୍ଟିଟି କାର୍ଡ ଏବଂ ମାନବ ସମ୍ବଳ ପରିଚାଳନା ପ୍ରଣାଳୀ ସମ୍ବନ୍ଧୀୟ ଅଭିଯୋଗ ସମାଧାନ ଉପରେ ଏକ ସ୍ୱତନ୍ତ୍ର ଅଧିବେଶନ ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଏହି ଅଧିବେଶନରେ ସିନିୟର ଡ଼ିଭିଜନାଲ ମେକାନିକାଲ ଇଞ୍ଜିନିୟର (ପରିବେଶ ଏବଂ ଗୃହରକ୍ଷା ପରିଚାଳନା) ତଥା ରେଳମଣ୍ଡଳ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧ୍ୟକ୍ଷା ଶ୍ରୀମତୀ ସ୍ୱାଧୀନତା ଦାସ ଏବଂ ରେଳମଣ୍ଡଳର ସହାୟକ କାର୍ମିକ ଅଧିକାରୀକାର୍ଯ୍ୟନିର୍ବାହୀ ସଦସ୍ୟ ଏବଂ ଶୀ-ବକ୍ସ ନୋଡାଲ ଅଧିକାରୀ ଶ୍ରୀମତୀ ତପସ୍ୱିନୀ ମହାନନ୍ଦିଆ ଯୋଗ ଦେଇଥିଲେ । ଉଭୟ ଅତିଥି ଉତ୍ପୀଡ଼ନମୁକ୍ତ କର୍ମକ୍ଷେତ୍ର ନିର୍ମାଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲା ବେଳେ ଆଇନ, ୨୦୧୩ ର ବ୍ୟବସ୍ଥାଗୁଡ଼ିକ ସମ୍ବନ୍ଧରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ, ଯେଉଁଥିରେ ଅନ୍ତର୍ଭୁକ୍ତ ଥିଲା : ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଗଠନ ଏବଂ ଭୂମିକା। ଘଟଣାଗୁଡ଼ିକର ନିବାରଣ, ନିଷେଧ ଏବଂ ପ୍ରତିକାରରେ ନିଯୁକ୍ତିଦାତାଙ୍କ ଦାୟିତ୍ୱ। କର୍ମଚାରୀମାନଙ୍କ ପାଇଁ ଉପଲବ୍ଧ ଆଇନଗତ ଢାଞ୍ଚା ଏବଂ ପ୍ରତିକାର ବ୍ୟବସ୍ଥା। । ଏହି କାର୍ଯ୍ୟକ୍ରମରେ କର୍ମଚାରୀ-କେନ୍ଦ୍ରିକ ଅଭିଯୋଗ ସମାଧାନ ବ୍ୟବସ୍ଥା। ସମ୍ପର୍କରେ ଅଧିକ ସଚେତନତା ସୁନିଶ୍ଚିତ କରି ୟୁନିକ୍ ମେଡିକାଲ୍ ଆଇଡେଣ୍ଟିଟି କାର୍ଡ ଏବଂ ମାନବ ସମ୍ବଳ ପରିଚାଳନା ପ୍ରଣାଳୀ ସୁବିଧା ସମ୍ପର୍କରେ କର୍ମଚାରୀଙ୍କ ପ୍ରଶ୍ନର ମଧ୍ୟ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଟକର ବରିଷ୍ଠ ରେଳବାଇ କର୍ମଚାରୀଙ୍କ ସହ ଅନ୍ୟାନ କର୍ମଚାରୀମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହା ମର୍ଯ୍ୟାଦା, ଲିଙ୍ଗ ସମ୍ବେଦନଶୀଳତା ଏବଂ କାର୍ଯ୍ୟକ୍ଷେତ୍ର ସମାନତାକୁ ସୁରକ୍ଷା ଦେବା ପାଇଁ ରେଳମଣ୍ଡଳର ସାମୂହିକ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲା। ଏହି ପଦକ୍ଷେପ ପୂର୍ବତଟ ରେଳପଥର କର୍ମଚାରୀଙ୍କ ଅଧିକାରକୁ ବଜାୟ ରଖିବା, ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତ କର୍ମଚାରୀଙ୍କ ସୁରକ୍ଷା, କଲ୍ୟାଣ ଏବଂ ସମ୍ମାନ ସୁନିଶ୍ଚିତ କରିବାରେ ମାନଦଣ୍ଡ ସ୍ଥାପନ କରିବା ପାଇଁ ଜାରି ରହିଥିବା ପ୍ରୟାସରେ ଆଉ ଏକ ପଦକ୍ଷେପ ।

# ପୂର୍ବତଟ ରେଳପଥର ସଚେତନତା ଏବଂ ସଫେଇ ଅଭିଯାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ପୂର୍ବତଟ ରେଳପଥ ସ୍ୱଚ୍ଛତା ଅଭିଯାନ-୨୦୨୫ ଅନ୍ତର୍ଗତ ଏହାର ମୁଖ୍ୟାଳୟରେ ସଚେତନତା ଏବଂ ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ସହିତ ଏହାର ଉତ୍ସର୍ଗୀକୃତ ପ୍ରୟାସ ଜାରି ରଖିଛି। ଆୟୋଜିତ ସଚେତନତା ଅଭିଯାନଗୁଡ଼ିକ ଏହି ବାର୍ତ୍ତାକୁ ଆହୁରି ଦୃଢ଼ କରିବା ସକାଶେ ପ୍ରୟାସ କରିଛି ଯେ ସ୍ୱଚ୍ଛତା କେବଳ ଏକ କର୍ତ୍ତବ୍ୟ ନୁହେଁ ବରଂ କାର୍ଯ୍ୟସ୍ଥଳ ଏବଂ ସାର୍ବଜନୀନ ସ୍ଥାନରେ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଏକ ସାମୂହିକ ଦାୟିତ୍ୱ। ଏହି ପରିପ୍ରେକ୍ଷୀରେ, ପୂର୍ବତଟ ରେଳପଥ ଏହାର ମୁଖ୍ୟାଳୟରେ ସ୍ୱଚ୍ଛ ସମ୍ବାଦ - କର୍ମଚାରୀମାନଙ୍କ ମଧ୍ୟରେ ଏକ ଆଦାନପ୍ରଦାନ ଅଧିବେଶନର ଆୟୋଜନ କରିଥିଲା । ଏହି ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ରୀୟ ହସ୍ପିଟାଲର ଅତିରିକ୍ତ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଦୈନନ୍ଦିନ ଜୀବନରେ, ଘରେ ଏବଂ କାର୍ଯ୍ୟସ୍ଥଳରେ, ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ରେଳ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ମିଶନର ଦୂତ ହେବା ଏବଂ ସମାଜରେ ସଚେତନତା ପ୍ରସାର କରିବାକୁ ଉତ୍ସାହିତ କରିଥିଲେ। କର୍ମଚାରୀମାନଙ୍କ ସହିତ ଏକ ଆକର୍ଷଣୀୟ ଏବଂ ପ୍ରଭାବଶାଳୀ ଉପାୟରେ ସଂଯୋଗ ସ୍ଥାପନ କରିବା ପାଇଁ, ମୁଖ୍ୟାଳୟର ସାଂସ୍କୃତିକ ଦଳ ଏକ ସ୍ୱଚ୍ଛତା-ଥିମ୍ ନୁକ୍କଡ ନାଟକ (ପଥପ୍ରାନ୍ତ ନାଟକ) ପ୍ରଦର୍ଶନ କରିଥିଲେ। ବ୍ୟଙ୍ଗ ଏବଂ ସାମାଜିକ ବାର୍ତ୍ତା ମାଧ୍ୟମରେ, ନାଟକଟି କିପରି ଛୋଟ ବ୍ୟକ୍ତିଗତ ପ୍ରୟାସ ବୃହତ ସ୍ୱଚ୍ଛତା ଲକ୍ଷ୍ୟ ହାସଲ କରିବାରେ ଯୋଗଦାନ ଦିଏ ଏବଂ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ସର୍ବୋତ୍ତମ ଅଭ୍ୟାସ ଗ୍ରହଣ କରିବାକୁ ପ୍ରେରଣା ଦିଏ ତାହା ଉପରେ ଆଲୋକପାତ କରିଥିଲା। ସ୍ୱଚ୍ଛତା ଏବଂ ପରିଷ୍କାରତା ଉପରେ ଏକ ଜୀବନ୍ତ ଅନ-ଦି-ସ୍ପଟ୍ କୁଇଜ୍ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଠାରେ କର୍ମଚାରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। କୁଇଜ୍ କେବଳ ସେମାନଙ୍କର ଜ୍ଞାନ ପରୀକ୍ଷା କରିନଥିଲା ବରଂ କର୍ମଚାରୀମାନଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନ ଏବଂ ପ୍ରତିବଦ୍ଧ ରହିବା ପାଇଁ ଉତ୍ସାହ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସମୟରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ (ଏଜିଏମ୍) ଶ୍ରୀ ବି.ଏସ୍.କେ.ରାଜକୁମାର ଅଂଶଗ୍ରହଣକାରୀଙ୍କ ଉତ୍ସାହକୁ ପ୍ରଶଂସା କରିଥିଲେ। ସେ ପୁନରାବୃତ୍ତି କରିଥିଲେ ଯେ ସ୍ୱଚ୍ଛତା ଭାରତୀୟ ରେଳପଥର ସର୍ବୋଚ୍ଚ ପ୍ରାଥମିକତା ମଧ୍ୟରୁ ଗୋଟିଏ, ଏବଂ ପୂର୍ବତଟ ରେଳପଥ ଏକ ନିରାପଦ, ସ୍ୱଚ୍ଛ ଏବଂ ଯାତ୍ରୀ-ଅନୁକୂଳ ରେଳ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଅନେକ ପଦକ୍ଷେପର ନେତୃତ୍ୱ ନେଇ ଆସୁଛି। ଏହି କାର୍ଯ୍ୟକ୍ରମ କେବଳ ଭିତ୍ତିଭୂମି ବିକାଶ ଏବଂ ଯାତ୍ରୀ ସୁରକ୍ଷା ପ୍ରତି ନୁହେଁ ବରଂ ଭବିଷ୍ୟତ ପିଢ଼ି ପାଇଁ ଏକ ସ୍ଥାୟୀ ଏବଂ ସ୍ୱଚ୍ଛ ପରିବେଶ ଗଠନ ପ୍ରତି ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାହୁଗ୍ରସ୍ତ 'ଖ' ...

ମୋକ୍ଷ ଆରମ୍ଭ ରାଘ ୧୧।୪୩ ମିନିଟ୍ ଠାରୁ, ସର୍ବମୋକ୍ଷ ହେବେ ଘ ୧।୨୭ ମିନିଟ୍ ସମୟରେ ଏ ଗ୍ରହଣ ପୂର୍ବ ଐଶାନ୍ୟକୋଣରୁ ଆରମ୍ଭ ହୋଇ ପଶ୍ଚିମ ବାୟବ୍ୟ କୋଣରେ ସର୍ବମୋକ୍ଷ ହେବେ, ତଥାପି ଚନ୍ଦ୍ରଙ୍କ ପାର୍ଶ୍ୱସ୍ଥ ଉପଛାୟା ଜନିତ ଗ୍ରହଣ ଶେଷ ହେବ ରାତ୍ର ଘ ୨।୨୫ ମିନିଟ୍ ସମୟରେ । ମୁଖ୍ୟତଃ ଗ୍ରହଣର ଆଦ୍ୟନ୍ତକାଳ ୩ ଘଣ୍ଟା ୨୯ ମିନିଟ୍ ହେବା ସଙ୍ଗେ ସଙ୍ଗେ ଗ୍ରାସମାନ ୧.୩୭୦୧୪୩ ହେବ ।

ଏ ଗ୍ରହଣ ଚନ୍ଦ୍ର ଗ୍ରହଣ ହେତୁ ଆରମ୍ଭର ୯ ଘଣ୍ଟା ପୂର୍ବରୁ ସୂତକ କାଳ ଭାବରେ ଗଣନା କରାଯାଏ । ତେଣୁ ୭ ତାରିଖ ରବିବାର ମଧ୍ୟାହ୍ନ ଘ ୧୨।୫୭ ମିନିଟ୍ ଗତେ ଗ୍ରହଣ ଶେଷ ପର୍ଯ୍ୟନ୍ତ ପାକତ୍ୟାଗ ତଥା ଦେବନୀତି କରାଯିବ ନାହିଁ, ସୂତକ କାଳ ମଧ୍ୟରେ ଅର୍ଥାତ୍ ଦିବା ଘ ୧୨।୫୭ ମିନିଟ୍ ଠାରୁ ରାତ୍ର ଘ ୧।୨୭ ମିନିଟ୍ ପର୍ଯ୍ୟନ୍ତ ଅନ୍ତଭୋଜନ ଓ ଦେବନୀତି ନିଷେଧ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମଧ୍ୟାହ୍ନରେ ଶ୍ରାଦ୍ଧ ଦିଘ ୧୨।୫୭ ପରେ ଆମ ଓ ହେମ ଦ୍ରବ୍ୟରେ କର୍ତ୍ତବ୍ୟ, ସନ୍ଧ୍ୟା ସମୟରେ ପୂର୍ଣ୍ଣିମାର ଚନ୍ଦ୍ରପୂଜା ମଧ୍ୟ ଅପକ୍ୱ ଦ୍ରବ୍ୟରେ ବା ଫଳମୂଳ ଦ୍ୱାରା କରାଯାଇ ପାରିବ । ଇନ୍ଦୁପୂର୍ଣ୍ଣିମାରେ କରାଯାଉଥିବା ଭାଗବତ ଜନ୍ମ ପୂଜା ଓ ନୀତି ଇତ୍ୟାଦି ମଧ୍ୟାହ୍ନ ଘ ୧୨।୫୭ ମଧ୍ୟରେ ଶେଷ କରିବା ଉଚିତ୍ । ଗ୍ରହଣର ସର୍ବମୋକ୍ଷ ରାତ୍ର ଘ ୧।୨୭ ପରେ ସ୍ନାନଶୌଚାଦି ହୋଇ ଦେବତାଙ୍କର ମହାସ୍ନାନ ବିଧି କରି ପାକ କର୍ମ ବା ରୋଷେଇବାସ କରିବେ । ଉଲ୍ଲେଖଯୋଗ୍ୟ ଯେ, ନିଶାର୍ଦ୍ଧସ୍ନାନ ନକରି ଅରୁଣୋଦୟ ପରେ ସ୍ନାନାଦି କର୍ମ କରଣୀୟ । ଏହାହିଁ ଶାସ୍ତ୍ର ସମ୍ମତ ।

ଜ୍ୟୋତିଷ ଶାସ୍ତ୍ର ଅନୁସାରେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିଜାତ ବ୍ୟକ୍ତିମାନଙ୍କର ଗ୍ରହଣ ଦର୍ଶନରେ ଶୁଭ । ଏତଦ୍ ଭିନ୍ନ ରାଶିମାନେ ଗ୍ରହଣ ଦର୍ଶନ କରିବା ଅନୁଚିତ । ସେହିପରି ଅଶ୍ୱିନୀ, କୃତିକା, ମୃଗଶିରା, ପୁନର୍ବସୁ, ପୁଷ୍ୟା, ମଘା, ଉତ୍ତରାଫାଲଗୁନି, ଚିତ୍ରା, ବିଶାଖା, ମୂଳା, ଉତ୍ତରାଷାଢା, ଧନିଷ୍ଠା ଓ ପୂର୍ବଭାଦ୍ର ନକ୍ଷତ୍ର ଜାତ ବ୍ୟକ୍ତିମାନେ ଗ୍ରହଣ ଦର୍ଶନେ ଶୁଭ । ଏତଦ୍‌ଭିନ୍ନ ଅନ୍ୟ ନକ୍ଷତ୍ର ଜାତ ବ୍ୟକ୍ତି ଗ୍ରହଣ ଦର୍ଶନ ଅନୁଚିତ୍ । ମୋଟାମୋଟି ଭାବରେ ଗ୍ରହଣ ନିମନ୍ତେ ଦିବା ଘ ୧୨।୫୭ ଠାରୁ ରାତ୍ର ଘ ୧।୨୭ ପର୍ଯ୍ୟନ୍ତ ଦେବନୀତି ଓ ପାକକର୍ମ ନିଷେଧ କରାଯାଇ ଥିଲେ ମଧ୍ୟ ବୃଦ୍ଧ, ଆତୁର ବ୍ୟକ୍ତି, ବାଳକ ଓ ରୋଗୀମାନେ ଏ ନିୟମକୁ ଉଲ୍ଲଂଘନ କଲେ ଦୋଷ୍ୟବହ ନୁହେଁ ।

**ପାଞ୍ଜିଗଣନାକାର, ଯାଜପୁର**
**ଶୂନ୍ୟଭାଷ-୯୩୩୭୬୯୩୦୨୨**

## ଭାରତ-ସିଙ୍ଗାପୁର ...

ବ୍ୟାପକ ରଣନୈତିକ ସହଭାଗୀତା ପର୍ଯ୍ୟନ୍ତ ଉନ୍ନୀତ କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଗତ ବର୍ଷ ଦୁଇ ରାଷ୍ଟ୍ର ମଧ୍ୟରେ ସହଯୋଗ ଏବଂ ଆଲୋଚନା ଗତି ଏବଂ ଶକ୍ତି ହାସଲ କରିଛି। 'ଆଜି, ଦକ୍ଷିଣ ପୂର୍ବ ଏସିଆ କ୍ଷେତ୍ରରେ ସିଙ୍ଗାପୁର ଆମର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ଭାରତରେ ସିଙ୍ଗାପୁରରୁ ଏକ ବଡ଼ ପରିମାଣର ନିବେଶ ହୋଇଛି' ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କ 'ନିରନ୍ତର ମଜବୁତ ହେଉଛି' ବୋଲି ପ୍ରଶଂସା କରିଛନ୍ତି। 'ଆଜି ଆମେ ଆମର ସହଭାଗୀତାର ଭବିଷ୍ୟତ ପାଇଁ ଏକ ବିସ୍ତୃତ ରୋଡମ୍ୟାପ୍ ପ୍ରସ୍ତୁତ କରିଛୁ। ଆମର ସହଯୋଗ କେବଳ ପାରମ୍ପରିକ କ୍ଷେତ୍ର ମଧ୍ୟରେ ସୀମିତ ରହିବ ନାହିଁ। ପରିବର୍ତ୍ତିତ ସମୟ ସହିତ ତାଳ ଦେଇ, ଉନ୍ନତ ଉତ୍ପାଦନ, ସବୁଜ ପରିବହନ, ଦକ୍ଷତା, ନାଗରିକ, ପରମାଣୁ ଏବଂ ସହରାଞ୍ଚଳ ଜଳ ପରିଚାଳନା ଭଳି କ୍ଷେତ୍ରଗୁଡ଼ିକ ମଧ୍ୟ ଆମର ସହଯୋଗର କେନ୍ଦ୍ରବିନ୍ଦୁ ହେବ' ବୋଲି ସେ କହିଛନ୍ତି। ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଢ଼ କରିବା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଆମର ସମ୍ପର୍କ କୂଟନୀତିଠାରୁ ବହୁ ଦୂରକୁ ଯାଇଛି। ଏହା ଏକ ଉଦ୍ଦେଶ୍ୟ ସହିତ ଏକ ସହଭାଗୀତା, ସମାନ ମୂଲ୍ୟବୋଧରେ ମୂଳ, ପାରସ୍ପରିକ ସ୍ୱାର୍ଥ ଦ୍ୱାରା ନିର୍ଦ୍ଦେଶିତ ଏବଂ ଶାନ୍ତି, ପ୍ରଗତି ଓ ସମୃଦ୍ଧି ପାଇଁ ଏକ ସାଧାରଣ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ।' ସେ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନକୁ ଭାରତ ଏବଂ ସିଙ୍ଗାପୁର ମଧ୍ୟରେ ସହଭାଗୀର 'ମଜବୁତ ସ୍ତମ୍ଭ' ବୋଲି କହିଥିଲେ ଏବଂ ଘୋଷଣା କରିଥିଲେ ଯେ ଉଭୟ ଦେଶ ଏଆଇ, କ୍ୱାଣ୍ଟମ୍ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାରେ ସହଯୋଗ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ୟୁପିଆଇ ଏବଂ ପେନାଓ ଦୁଇ ଦେଶ ମଧ୍ୟରେ ଡିଜିଟାଲ୍ ସଂଯୋଗୀକରଣର 'ସଫଳ ଉଦାହରଣ' ଏବଂ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ ୧୩ଟି ନୂତନ ଭାରତୀୟ ବ୍ୟାଙ୍କ ଏବେ ସେମାନଙ୍କ ସହିତ ଯୋଗ ଦେଇଛନ୍ତି। ସେ ଘୋଷଣା କରିଛନ୍ତି ଯେ ଭାରତ ଏବଂ ସିଙ୍ଗାପୁର ଏକ ସମୟସୀମା ମଧ୍ୟରେ ଏସିଆନ ସହିତ ଦ୍ୱିପାକ୍ଷିକ ବ୍ୟାପକ ଆର୍ଥିକ ସହଯୋଗ ଚୁକ୍ତିନାମା ଏବଂ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସମୀକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉଭୟ ନେତା ମିଳିତ ଭାବରେ ଜେଏନ ପୋର୍ଟ-ପିଏସଏ ମୁମ୍ବାଇ ଟର୍ମିନାଲର ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଘାଟନ ମଧ୍ୟ କରିଥିଲେ। ସେ ଘୋଷଣା କରିଥିଲେ ଯେ ଉନ୍ନତ ଉତ୍ପାଦନ, ସବୁଜ ପରିବହନ, ଦକ୍ଷତା, ନାଗରିକ, ପରମାଣୁ ଏବଂ ସହରାଞ୍ଚଳ ଜଳ ପରିଚାଳନା ଭଳି କ୍ଷେତ୍ରଗୁଡ଼ିକ ମଧ୍ୟ ଦୁଇ ଦେଶ ମଧ୍ୟରେ ସହଯୋଗର କେନ୍ଦ୍ରବିନ୍ଦୁ ହେବ। ପ୍ରଧାନମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ସିଙ୍ଗାପୁର ଚେନ୍ନାଇରେ ଦକ୍ଷତା ପାଇଁ ଏକ ଜାତୀୟ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରିବାରେ ସାହାଯ୍ୟ କରିବ। ସେ ଭାରତ ଏବଂ ସିଙ୍ଗାପୁରର ଷ୍ଟକ୍ ବଜାରକୁ ସଂଯୋଗ କରିବାରେ ଗୁଜରାଟର ଗିଫ୍ଟ ସହରର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଦ୍ୱିପାକ୍ଷିକ ସମ୍ପର୍କରେ ଉଭୟ ଦେଶର ରାଜ୍ୟଗୁଡ଼ିକ 'ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର' ହେବେ ବୋଲି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ମୋଦୀ ସ୍ମରଣ କରିଥିଲେ, 'ଯେତେବେଳେ ରାଷ୍ଟ୍ରପତି ଥରମନ ଜାନୁଆରୀରେ ଭାରତ ଗସ୍ତ କରିଥିଲେ, ସେ ଓଡ଼ିଶା ଗସ୍ତ କରିଥିଲେ। ଗତ ବର୍ଷ, ଓଡ଼ିଶା, ତେଲେଙ୍ଗାନା, ଆସାମ ଏବଂ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀମାନେ ସିଙ୍ଗାପୁର ଗସ୍ତ କରିଥିଲେ। ଗୁଜରାଟର ଗିଫ୍ଟ ସିଟି ଆମର ଷ୍ଟକ୍ ବଜାରକୁ ସଂଯୋଗ କରିବା ପାଇଁ ଆଉ ଏକ ନୂତନ ସେତୁ ପାଲଟିଛି।' ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଗତ ବର୍ଷ ସ୍ୱାକ୍ଷରିତ ହୋଇଥିବା ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ସହଭାଗୀତା ଚୁକ୍ତିନାମା ଗବେଷଣା ଏବଂ ବିକାଶକୁ 'ନୂତନ ଦିଗ' ଦେଇଛି। 'ସେମିକନ୍ ଇଣ୍ଡିଆ ସମ୍ମିଳନୀରେ ସିଙ୍ଗାପୁର କମ୍ପାନୀଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ନିଜସ୍ୱ ଭାବରେ ଏକ ବଡ଼ କଥା ଥିଲା। ସିଙ୍ଗାପୁର ଚେନ୍ନାଇରେ ଦକ୍ଷତା ପାଇଁ ଏକ ଜାତୀୟ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରିବାରେ ସାହାଯ୍ୟ କରିବ। ଏହି କେନ୍ଦ୍ର ଉନ୍ନତ ଉତ୍ପାଦନ କ୍ଷେତ୍ରରେ ଦକ୍ଷ ମାନବଶକ୍ତି ପ୍ରସ୍ତୁତ କରିବ' ବୋଲି ସେ କହିଥିଲେ।

## ଜିଏସ୍‌ଟି ସଂସ୍କାର...

ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସ୍ୱାସ୍ଥ୍ୟ ଓ ଜୀବନ ବୀମା ଜନିତ ସେବା ଉପରୁ କର ଆଦାୟ ନକରିବାର ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ମଧ୍ୟବିତ୍ତ ଓ ନିମ୍ନ ଆୟକାରୀ ପରିବାରମାନଙ୍କୁ ବୀମାଭୁକ୍ତ ହେବା ନିମନ୍ତେ ଉତ୍ସାହିତ କରିବ। କେନ୍ଦୁପତ୍ର ଉପରୁ ଜିଏସଟି ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିବା ଆମ ରାଜ୍ୟ ତଥା ଦେଶର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଏକ ଆନନ୍ଦର ବିଷୟ। ଏହାଦ୍ୱାରା କେନ୍ଦୁପତ୍ରର ବିକ୍ରି ବଢିବ ଓ କେନ୍ଦୁପତ୍ର ତୋଳାଳିଙ୍କ ଉପାର୍ଜନ ବଢିବା ସହ ସେମାନେ ଉଚିତ ମୂଲ୍ୟ ପାଇବେ। ଏହା ଦ୍ୱାରା ରାଜ୍ୟର ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା କେନ୍ଦୁପତ୍ର ତୋଳାଳିମାନେ, କେନ୍ଦୁପତ୍ର କିଣୁଥିବା ସରକାରୀ ସଂସ୍ଥାମାନଙ୍କ ପାଖରୁ ସଠିକ ସମୟରେ ସଠିକ ମୂଲ୍ୟ ପାଇ ପାରିବେ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଅଟେ। ବିଭିନ୍ନ କୃଷି ପ୍ରକରଣ ଯଥା ଔଷଧ ସିଂଚନକାରୀ ଯନ୍ତ୍ର, ରୋଲର, ଯନ୍ତ୍ରପାତି, ଟ୍ରାକ୍ଟର ଓ ଏହାର ଅମଳ କାମରେ ଲାଗୁଥିବା ଯନ୍ତ୍ର, ଟାୟାର ତଥା ସାର ପାଇଁ ବ୍ୟବହୃତ କଞ୍ଚାମାଲ ଉପରୁ ଜିଏସଟି ହ୍ରାସ ନିମନ୍ତେ ପଦକ୍ଷେପ, କୃଷକମାନଙ୍କ ଆର୍ଥିକ ବୋଝକୁ କମାଇବା ସହ କୃଷି ଉତ୍ପାଦନ ଲାଗି ହେଉଥିବା ଖର୍ଚ୍ଚ କମାଇବ। ଏହା ଗ୍ରାମୀଣ ଲୋକଙ୍କ ଆୟ ବଢାଇବ ଓ ଜାତୀୟ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## ମହାପ୍ରଭୁଙ୍କ ...

ସମ୍ପତ୍ତି ମହାପ୍ରଭୁଙ୍କର ରହିଛି ସେ ସମସ୍ତ ସମ୍ପତ୍ତି କେମିତି ପୁଣି ଆଉ ଥରେ ମହାପ୍ରଭୁଙ୍କ କାମରେ ବିନିଯୋଗ ହେବ ସେଥିପାଇଁ ଯାହା ଯାହା ଆବଶ୍ୟକ ତାହା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/67, ତା.01.09.2025ରିଖ

(1) ଟେଣ୍ଡର ସଂ. etenderhqkur-171-2025, ତା.21.08.2025ରିଖ
ବିବରଣୀ : ପୁରୀରେ ଲୋକୋ ଟ୍ରିପ୍ ସେଡ୍‌ର ପ୍ରସ୍ତାବିତ ବୃଦ୍ଧିକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1172.66 ଲକ୍ଷ, EMD : ₹ 7,36,300/-

(2) ଟେଣ୍ଡର ସଂ. etender-hq-kur-210-2025, ତା.20.08.2025ରିଖ
ବିବରଣୀ : ସିନିୟର ସେକ୍ସନ ଇଂଜିନିୟର (P.Way)/ ନୟାଗଡ଼ ଟାଉନ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ଼-ଦଶପଲ୍ଲା ସେକ୍ସନ ମଧ୍ୟରେ 30.09.2026 ପର୍ଯ୍ୟନ୍ତ ଅବଧି ନିମନ୍ତେ କି.ମି. 0.00 ଠାରୁ 107.00 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 136.67 ଲକ୍ଷ, EMD : ₹ 2,18,300/-

(3) ଟେଣ୍ଡର ସଂ. etenderEastkur-231-2025, ତା.21.08.2025ରିଖ
ବିବରଣୀ : କଟକ ଗୁଡ୍ସ ସେଡ୍‌ରେ ୱାଗନ ଏବଂ ଟ୍ରକଗୁଡ଼ିକୁ କଭର କରିବା ନିମନ୍ତେ HL PF ଦ୍ୱାରା ପ୍ଲାଟଫର୍ମ ନଂ. 11ର ବଳକା ଅଂଶ ଏବଂ ପ୍ଲାଟଫର୍ମ ନଂ. 12 ପାଇଁ ସମ୍ପୂର୍ଣ୍ଣ ଲମ୍ବ କଭର ସେଡ୍‌ର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 3078.84 ଲକ୍ଷ, EMD : ₹ 16,89,400/-

(4) ଟେଣ୍ଡର ସଂ. etender-Cenkur-232-2025, ତା.21.08.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସେଣ୍ଟ୍ରାଲ) ଏବ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଉତ୍ତର)ଙ୍କ ଅଧିନରେ 105 ଗୋଟି ବକ୍ରତାପୂର୍ଣ୍ଣ ସ୍ଥାନରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ଇଲେକ୍ଟ୍ରୋନିକ୍ ଟାଇପ୍) ଗେଜ୍ ଫେସ୍ ଲୁବ୍ରିକେଟରର ଯୋଗାଣ ଏବଂ ସଂସ୍ଥାପନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 919.90 ଲକ୍ଷ, EMD : ₹ 6,10,000/-

ଶେଷ ହେବା ଅବଧି : 12 (ବାର) ମାସ (କ୍ରମ ସଂ. 1 ଓ 2 ପାଇଁ), 18 (ଅଠର) ମାସ (କ୍ରମ ସଂ. 3 ପାଇଁ) ଏବଂ 60 (ଷାଠିଏ) ମାସ (କ୍ରମ ସଂ. 4 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.09.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-559/Q/25-26

# ଶ୍ରୀ ଜୟଦେବ ଫାର୍ମାସୀ ମହାବିଦ୍ୟାଳୟରେ ୟୁଥ କନ୍‌କ୍ଲେଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ନହରକଣ୍ଟାସ୍ଥିତ ଜୟଦେବ ଫାର୍ମାସୀ ମହାବିଦ୍ୟାଳୟରେ 'ଭାରତୀୟ ସ୍ୱଦେଶୀ ପାରମ୍ପରିତ ଜ୍ଞାନ ଓ ବିଜ୍ଞାନ' ବିଷୟ ଉପରେ ଏକ ୟୁଥ୍ କନ୍‌କ୍ଲେଭ ଶ୍ରୀ ଜୟଦେବ ଫାର୍ମାସୀ ମହାବିଦ୍ୟାଳୟ ଏବଂ ଭାରତୀୟ ପାରମ୍ପରିକ ଜ୍ଞାନ ବିଜ୍ଞାନ ସମାଜର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଆଇ.ଆଇ.ଟି. କାନ୍‌ପୁରର ପ୍ରଫେସର ଡ. ଦେବୀ ପ୍ରସାଦ ମିଶ୍ର, ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର, କଲେଜର ଅଧ୍ୟକ୍ଷା ପ୍ରଫେସର ଡ. ନୀଳିମା ଶୁକ୍ଲା ଏବଂ ମ୍ୟାନେଜମେଣ୍ଟ ମେମ୍ବର ଇଂ ପଦ୍ମନାଭ ତ୍ରିପାଠୀ ପ୍ରମୁଖ ପାରମ୍ପରିକ ଜ୍ଞାନ ବିଜ୍ଞାନ ଉପରେ ବହୁ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ କଲେଜ ପରିସରରେ ଉକ୍ତ ସ୍ୱଦେଶୀ ପାରମ୍ପରିକ ଜ୍ଞାନକୁ ଆଧାର କରି ଏକ ବଡ଼ ଧରଣର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ଅନେକଗୁଡ଼ିଏ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ କଲେଜ ତରଫରୁ ପୁରସ୍କୃତ କରାଯାଇଥିଲା। କଲେଜର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସହଯୋଗ କରିଥିଲେ।




E-mail :- nacdharmagarh@gmail.com

OFFICE OF THE
**NOTIFIED AREA COUNCIL, DHARAMGARH.**
(Dt.)-KALAHANDI.

C-1008

No. 1344 /DMH Dated. 04.09.2025

**Quotation Call Notice**

| | | |
|---|---|---|
| Name of the work | : | Quotation Call Notice for Design, Supply, and Installation of a Clock Tower under Dharamgarh NAC. |
| No of works | : | 01 No |
| Tender notice no. & Date | : | 1339/DMH, Dt.04.09.2025 |
| Agency | : | As per eligibility |
| Period of Tender | : | 2 Months |
| Available of Documents | : | Dt.05.09.2025 to Dt.14.09.2025 (In Office Hours) at NAC Office Dharamgarh |
| Tender Paper Cost | : | Rs.5,000.00 |
| Last date of receipt of bid documents | : | Upto 01:00 PM of Dt.15.09.2025 |
| Date of opening of Bid | : | 03:00 PM of Dt.15.09.2025 |
| Name and address of the Officer inviting the notice | : | Executive Officer, NAC, Dharamgarh, Kalahandi |

OIPR-13163/11/0012/2526

Executive Officer,
NAC, Dharamgarh

ଭୁବନେଶ୍ୱର
୦୫ ସେପ୍ଟେମ୍ବର,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ଅକ୍ଟୋବର ୭ରୁ କାର୍ତ୍ତିକ ବ୍ରତ, ହବିଷ୍ୟାଳିଙ୍କ ରହଣି ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇବା ପାଇଁ ପ୍ରଶାସନ ପ୍ରସ୍ତୁତ



**ପୁରୀ,୦୪/୦୯ ନ୍ୟୁଜ ବ୍ୟୁରୋ**

ଅକ୍ଟୋବର ୭ ତାରିଖରୁ ଆରମ୍ଭ ହେବ କାର୍ତ୍ତିକ ବ୍ରତ । ସରକାରଙ୍କ ପକ୍ଷରୁ ହବିଷ୍ୟାଳିଙ୍କୁ ପୁରୀରେ ରହଣି, ଜଗନ୍ନାଥ ଦର୍ଶନ, ମହାପ୍ରସାଦ ସେବନ ପ୍ରଭୃତିର ମାଗଣା ସୁବିଧା ଯୋଗାଇ ଦିଆଯିବ । ସନ୍ଧ୍ୟାରେ ପ୍ରବଚନ, ଭଜନ, ପାଲା ପରିବେଷଣ ହେବ । ଏ ନେଇ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି । ଉକ୍ତ କାର୍ଯ୍ୟକୁ ସୁଚାରୁରୁପେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ସର୍କିଟ ହାଉସ୍‌ଠାରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ବସିଥିଲା । ହବିଷ୍ୟାଳିଙ୍କ ନିମନ୍ତେ ସୁରକ୍ଷିତ ରହଣି, ଦର୍ଶନ ବ୍ୟବସ୍ଥା, ମହାପ୍ରସାଦ ସେବନ, ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାତାୟାତ ଏବଂ ଚିକିତ୍ସା ବ୍ୟବସ୍ଥା ଇତ୍ୟାଦି କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଦାୟିତ୍ୱ ବାଣ୍ଟିଛନ୍ତି । ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅନ୍‌ଲାଇନ୍‌ରେ ହବିଷ୍ୟାଳି ଶ୍ରୀକ୍ଷେତ୍ରରେ ରହି ହବିଷ ପାଳନ ପାଇଁ ନାମ ପଞ୍ଜୀକରଣ କରିବାକୁ ପଡ଼ିବ । ଏ ନେଇ ପ୍ରଶାସନ ଆଗକୁ ସୂଚନା ଦେବ । ବିଗତ ବର୍ଷ ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର କୋଠା, ବଗଲା ଧର୍ମଶାଳା କୋଠା, ବାଗେଡ଼ିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପ ଠାରେ ହବିଷ୍ୟାଳିଙ୍କ ରହଣିର ବ୍ୟବସ୍ଥା ହୋଇଥିଲା । ଚଳିତ ବର୍ଷ ମଧ୍ୟ ଏହି କୋଠାରେ ହବିଷ୍ୟାଳିଙ୍କୁ ରଖିବା ନେଇ ପ୍ରଶାସନ ଚିନ୍ତା କରୁଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ, ସିଡିଏମ୍‌ଓ, ପୁରୀ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ଏଏସ୍‌ପି, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଉପସ୍ଥିତ ଥିଲେ।







ମୁମ୍ବାଇ ଗଣେଶ ପୂଜା-୨୦୨୫ : ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ବିଘ୍ନବିନାଶକ ଗଣପତି ବାବା। (ଫଟୋ ଉତ୍ତୋଳନ ଆଶ୍ରିତା ଏବଂ ଅଭିଜିତ୍)

# ଶ୍ରୀନହରରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ସୁନିଆଁ ଉତ୍ସବ

**ପୁରୀ ୪/୯ ନ୍ୟୁଜ ବ୍ୟୁରୋ**



ଗୁରୁବାର ପବିତ୍ର ଉତ୍କଳୀୟ (ରାଜକୀୟ) ନବ ବର୍ଷ । ଶ୍ରୀ ବାମନ ଜନ୍ମ, ସୁନିଆଁ। ଉତ୍କଳୀୟ ୧୪୩୩ ସାଲ ଆରମ୍ଭ ତଥା ଶ୍ରୀ ଶ୍ରୀ ଶ୍ରୀ ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣୋଟକ୍‌ଳ କଳବର୍ଗେଶ୍ୱର ଅଭିରାଏ ଭୁତ ଭୈରବ ଦୁଃସହ ଦୁଃଶାସନ ଅନିକରଣେ ରାଉତରାୟ ଅତୁଳବଳ ପରାକ୍ରମ ସଂଗ୍ରାମେ ସହସ୍ରବାହୁ କ୍ଷତ୍ରିୟକୁଳ ଧୂମକେତୁ ବୀରାଧୀବୀରବର ମହାପ୍ରତାପୀ ମହାରାଜା ଶ୍ରୀ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ ମହାରାଜାଙ୍କର ୬୯ ଅଙ୍କ ଆରମ୍ଭ ଅବସରରେ ସମସ୍ତଙ୍କୁ ସାଦର ଅଭିନନ୍ଦନ ଜଣାଇବା ସହିତ ପ୍ରିତିଭରା ଶୁଭେଚ୍ଛା। ଉତ୍କଳୀୟ ସଂସ୍କୃତି ଓ ସାମାଜିକ ଜୀବନରେ ଗଜପତିଙ୍କ ନାମରେ ଆରମ୍ଭ ହୁଏ ନବବର୍ଷ। ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ସୁନିଆଁ ଦିନ ଆରମ୍ଭ ହୁଏ ଗଜପତିଙ୍କ ନୂତନ ଅଙ୍କ । ତେଣୁ ସୁନିଆଁକୁ ଉତ୍କଳୀୟ ଗଜପତିଙ୍କ ନବବର୍ଷ ବୋଲି ଧରାଯାଏ । ଓଡ଼ିଆଙ୍କ ପାଇଁ ଓ ଜାତକରେ ବର୍ଷ, ମାସ, ତାରିଖ, ତିଥି ଓ ନକ୍ଷତ୍ର ଉଲ୍ଲେଖ ହୁଏ । ସୁନିଆଁ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା ହୋଇଥାଏ । ସୁନିଆଁ ଦିନ ଷୋଳଶାସନରୁ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସି ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟିଦେଇ ମହାରାଜାଙ୍କୁ ଆଶୀର୍ବାଦ କରିଥାନ୍ତି । କରଣ ସାମନ୍ତମାନେ ମଧ୍ୟ ଶ୍ରୀନଅରକୁ ଆସି ଗଜପତି ମହାରାଜାଙ୍କୁ ଭେଟିଦେଇଥାନ୍ତି। ସମସ୍ତଙ୍କୁ ଶ୍ରୀନଅରରେ ମହାପ୍ରସାଦ ସେବନରେ ଆପ୍ୟାୟିତ କରାଯାଏ । ସୁନିଆଁ ଦିନ ଗଜପତି ମହାରାଜା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି କନକ ଭେଟି ଅର୍ପଣ କରିବାର ପ୍ରଥା ରହିଛି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଗଜପତି ପୁରୁଣା ନଅର ସ୍ଥଳକୁ ଯାଇ ଶ୍ୟାମାକାଳୀ ଓ ଅଷ୍ଟଶମ୍ଭୁଙ୍କୁ ଦର୍ଶନକରି ଶ୍ରୀନଅର ପ୍ରତ୍ୟାବର୍ତ୍ତନ କରିଥାନ୍ତି । ସୁନିଆଁ ଦିନ ସ୍ୱର୍ଣ୍ଣମୁଦ୍ରାରେ ଗଜପତି ମହାରାଜାଙ୍କ ପୁରାତନ ଅଙ୍କ କଟାଯାଇ ସେହିଦିନଠାରୁ ନୂତନ ଅଙ୍କର ଗଣନା ଆରମ୍ଭ ହୁଏ ।

## ରହିତାଦେଶ ଉଠାଇଲେ ହାଇକୋର୍ଟ : ୧୮୫୩ ଜଣ ସିପାହୀ, କନ୍‌ଷ୍ଟେବଲଙ୍କ ନିଯୁକ୍ତି ବାଧା ହଟିଲା

**କଟକ,୦୪/୦୯ ନ୍ୟୁଜ ବ୍ୟୁରୋ**

୧୮୫୩ଟି ପଦରେ ସିପାହୀ, କନେଷ୍ଟବଳ ନିଯୁକ୍ତି ଉପରେ ଥିବା ଅଦାଲତି ବାଧା ହଟିଯାଇଛି । ଚୟନ ହେବା ପରେ ମଧ୍ୟ ପଦ ଅଭାବରୁ ନିଯୁକ୍ତିରୁ ବାଦ୍ ପଡ଼ିଥିବା ୪୧ ଜଣ ପ୍ରାର୍ଥୀଙ୍କୁ ଥଇଥାନ କରାଯିବ ବୋଲି ସରକାର ବୁଧବାର ହାଇକୋର୍ଟରେ ପ୍ରତିଶ୍ରୁତି ଦେଇଛନ୍ତି । ଆଉ ୪୧ଟି ନୂଆ ପଦ ସୃଷ୍ଟି କରାଯାଇ ସମସ୍ତଙ୍କୁ ନିଯୁକ୍ତି ଦିଆଯିବ ବୋଲି ସରକାରଙ୍କ ପ୍ରତିଶ୍ରୁତି ପରେ ହାଇକୋର୍ଟ ନିଯୁକ୍ତି ଉପରେ ଜାରି କରିଥିବା ଅନ୍ତରୀଣ ରହିତାଦେଶକୁ ଉଠାଇ ଦେଇଛନ୍ତି। ଫଳରେ ସମସ୍ତ ୧୮୫୩ ପଦ ଓ ଆଉ ନୂଆ ୪୧ଟି ପଦରେ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ମିଳିବ। ରାଜ୍ୟ ସରକାରଙ୍କ ଜବାବ ପରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ମାମଲାର ଅନ୍ତ ଘଟାଇଛନ୍ତି ।




# ଜିଏସଟି ପରିଷଦର ଐତିହାସିକ ନିଷ୍ପତ୍ତି : ଦୁଇ-ସ୍ତରୀୟ ହେଲା ଜିଏସଟି ହାର

**ନୂଆଦିଲ୍ଲୀ, ୦୪/୯**

ଜିଏସଟି ପରିଷଦର ୫୬ତମ ବୈଠକରେ ହୋଇଛି ବଡ଼ ନିଷ୍ପତ୍ତି। ଦୀପାବଳି ପୂର୍ବରୁ ଦେଶର ସାଧାରଣ ଲୋକ, ଛୋଟ ବ୍ୟବସାୟୀ ଏବଂ ଚାଷୀମାନଙ୍କୁ ସରକାରଙ୍କ ବଡ଼ ଆଶ୍ୱସ୍ତି ମିଳିଛି। ଏଣିକି ଆଉ ୪ଟି ସ୍ଲାବ ନୁହେଁ ବରଂ ୨ ଟି ସ୍ଲାବରେ ଜିଏସଟି ଆଦାୟ କରାଯିବ । କେବଳ ୫ ପ୍ରତିଶତ ଓ ୧୮ ପ୍ରତିଶତ ସ୍ଲାବ ଲାଗୁ ହେବ । ସେହିପରି ବୈଠକରେ ରୋଟିଠୁ ଆରମ୍ଭ କରି କ୍ଷୀର,ପନିର୍ ପର୍ଯ୍ୟନ୍ତ ଜିରୋ ଜିଏସଟି ହୋଇଛି। ଟିକସ ସ୍ଲାବରେ ପରିବର୍ତ୍ତନ ବିଷୟରେ ସୂଚନା ଦେବା ସମୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରୋଟି, ପରଟା, ପିଜା, ପାଉଁରୁଟି, କ୍ଷୀର, ଛେନା ଉପରେ ଜିଏସଟି ଲାଗୁ ହେବ ନାହିଁ କହିଛନ୍ତି। ପୂର୍ବରୁ ଏଗୁଡ଼ିକ ଉପରେ ୫ରୁ ୧୮ ପ୍ରତିଶତ ଜିଏସଟି ଲାଗୁ ହେଉଥିଲା, କିନ୍ତୁ ଏବେ ଏହା ଶୂନ୍ୟ ଜିଏସ୍‌ଟି ହୋଇଯାଇଛି। ସେହିପରି ସରକାର ଶିକ୍ଷାଗତ ସାମଗ୍ରୀକୁ ଜିଏସଟି ମୁକ୍ତ କରି ଛାତ୍ରଛାତ୍ରୀମାନଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ପେନସିଲ୍, ଇରେଜର ଏବଂ କଟର ଭଳି ଅନେକ ସାମଗ୍ରୀ ଉପରେ କର ଲାଗୁଥିଲା, କିନ୍ତୁ ଏବେ ସେଗୁଡ଼ିକ ଜିଏସ୍‌ଟି ପରିସର ବାହାରେ। ଅନ୍ୟପଟେ ସାଧାରଣ ଲୋକଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇ ସରକାର ଅନେକ ଔଷଧକୁ ଜିଏସଟି ମୁକ୍ତ କରିଛନ୍ତି। ସେହିପରି ସ୍ୱାସ୍ଥ୍ୟ-ଜୀବନ ନୀତିଗୁଡ଼ିକୁ ମଧ୍ୟ ଜିଏସ୍‌ଟି ପରିସର ବାହାରେ ରଖାଯାଇଛି। ପରିଷଦ ବୈଠକରେ ୩୩ଟି ଜୀବନ ରକ୍ଷାକାରୀ ଔଷଧ ଉପରୁ ଜିଏସଟି ଉଠାଯାଇଛି। ପୂର୍ବରୁ ଏହା ଉପରେ ୧୨ ପ୍ରତିଶତ ଟିକସ ଲାଗୁ କରାଯାଇଥିଲା। ପ୍ରକାଶ ଥାଉକି, ଟୁଥ ପାଉଡର, କ୍ଷୀର ବୋତଲ, ରୋଷେଇ ପାତ୍ର, ଛତା, ସାଇକେଲ, ବାଉଁଶ ଫର୍ଣ୍ଣିଚର ଭଳି ସାମଗ୍ରୀ ଉପରେ ଟିକସ ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ସେହିପରି ସାମ୍ପୁ, ଟାଲକମ୍ ପାଉଡର, ଟୁଥପେଷ୍ଟ, ଟୁଥବ୍ରଶ୍, ଫେସ୍ ପାଉଡର, ସାବୁନ ଏବଂ କେଶ ତେଲ ଉପରେ ଟିକସ ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏହି ବୈଠକରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରତିନିଧିମାନେ ଯୋଗ ଦେଇ ଜିଏସଟି ସଂସ୍କାର ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱାଧୀନତା ଦିବସ ଭାଷଣରେ ଘୋଷିତ "ଦୀପାବଳୀ ଉପହାର"କୁ ଆଧାର କରି ଏହି ସଂସ୍କାର ସାଧାରଣ ନାଗରିକ, କମ୍ପାନୀ ଓ ରାଜ୍ୟ ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରଖିଛି। ବର୍ତ୍ତମାନର ୫%, ୧୨%, ୧୮% ଓ ୨୮% ଜିଏସଟି ସ୍ଲାବକୁ ହଟାଇ ଦୁଇ-ସ୍ତରୀୟ ହାର (୫% ଓ ୧୮%) ଲାଗୁ କରାଯାଇଛି। ଏହା ନବରାତ୍ରୀ ଆରମ୍ଭରୁ (୨୨ ସେପ୍ଟେମ୍ବର ୨୦୨୫) କାର୍ଯ୍ୟକାରୀ ହେବ। ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ୫% ଏବଂ ଅନ୍ୟାନ୍ୟ ସାମଗ୍ରୀ ଉପରେ ୧୮% ଜିଏସଟି ଲାଗୁ ହେବ। ତମାଖୁ, ପାନମସଲା ଓ କାର୍ବୋନେଟେଡ ପାନୀୟ ଭଳି "ସିନ୍ ଗୁଡ଼ସ" ଉପରେ ୪୦% ଜିଏସଟି ଲାଗୁ ହେବ। ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା, ଫ୍ଲୋଟର ପଲିସି ଓ ବରିଷ୍ଠ ନାଗରିକଙ୍କ ବୀମା ପ୍ରିମିୟମ ଉପରେ ଜିଏସଟି ଛାଡ଼ କରାଯାଇଛି। ଯାହା ବୀମା ମୂଲ୍ୟକୁ ପ୍ରାୟ ୧୫% ଶସ୍ତା କରିବ। ମାଟି ଅମଳ ମେସିନ, ଖାଦ୍ୟ ମେସିନ, କମ୍ପୋଷ୍ଟିଂ ମେସିନ, ହସ୍ତଶିଳ୍ପ, ମାର୍ବଲ, ଗ୍ରାନାଇଟ ଓ ଚମଡ଼ା ସାମଗ୍ରୀ ଉପରେ ଜିଏସଟି ୧୨% ରୁ ୫% କୁ ହ୍ରାସ କରାଯାଇଛି। ଦୃଷ୍ଟି ସଂଶୋଧନ ଚଷମା ଓ ଗଗଲ୍ସ ଉପରେ ଜିଏସଟି ୨୮% ରୁ ୫% କୁ କମାଯାଇଛି। ସାର କ୍ଷେତ୍ରରେ ସଲଫ୍ୟୁରିକ ଅମ୍ଳ ଓ ଆମୋନିୟମ ଉପରେ ଜିଏସଟି ହ୍ରାସ କରାଯାଇଛି । ବ୍ୟାଙ୍କ ଓ ଏନବିଏଫସି ଦ୍ୱାରା ଦଣ୍ଡମୂଳକ ଚାର୍ଜ ଉପରେ ଜିଏସଟି ଛାଡ଼ ହୋଇଛି। ଅଟୋମେଟିକ ରିଟର୍ଣ୍ଣ ଫାଇଲିଂ ଓ ପ୍ରି-ଫିଲ୍ଡ ରିଟର୍ଣ୍ଣ ପ୍ରଣାଳୀ ପ୍ରଚଳନ ପାଇଁ ପ୍ରସ୍ତାବ ହୋଇଛି। ଜିଏସଟି ହାର ହ୍ରାସ ଯୋଗୁଁ ରାଜ୍ୟମାନଙ୍କୁ ରାଜସ୍ୱ ହାନିର ଆଶଙ୍କା ପ୍ରକାଶ ପାଇଛି।

